ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.207 Bhubaneswar Monday September 26 2022 | ୨୫ତମ ବର୍ଷ ସଂଖ୍ୟା-୨୦୭ ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ରାଜସ୍ଥାନ କଂଗ୍ରେସରେ ହଟଚ଼ମଟ, ୮୦ କଂଗ୍ରେସ ବିଧାୟକଙ୍କ ଇସ୍ତଫା



ଜୟପୁର, ୨୫।୯(ପି.ଏନ): ରାଜସ୍ଥାନ କଂଗ୍ରେସରେ ହଟଚ଼ମଟ। ପ୍ରାୟ ୮୦ ଜଣ କଂଗ୍ରେସ ବିଧାୟକ ଆଜି ଇସ୍ତଫା ଦେଇଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏଆଇସିସି ସଭାପତି ପାଇଁ ନାମାଙ୍କନ ଦାଖଲ ପୂର୍ବରୁ ଦଳୀୟ ପାଣିପାଗ ହଲଚ଼ଲ ହୋଇଛି। ଏହି ବିଧାୟକମାନେ ବିଧାନସଭା ବାଚ଼ସ୍ପତି ସିପି ଯୋଶୀଙ୍କୁ ଭେଟି ସେମାନଙ୍କ ଇସ୍ତଫାପତ୍ର ଦେଇଛନ୍ତି। ଫଳରେ ଦଳ ପାଇଁ ନୂଆ ସଙ୍କଟ ଉପୁଜିଛି। ଗେହଲଟଙ୍କ ସ୍ଥାନରେ କିଏ ହେବେ ମୁଖ୍ୟମନ୍ତ୍ରୀ ତାକୁ ନେଇ କସରତ ଚ଼ାଲିଥିବା ବେଳେ ଦଳରେ ସୃଷ୍ଟି ହୋଇଥିବା ଫାଟ ଚ଼ରମ ସୀମାରେ ପହଞ୍ଚିଛି।ଯଦି ଅଶୋକ କଂଗ୍ରେସ ସଭାପତି ହୁଅନ୍ତି ତେବେ ରାଜ୍ୟରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ପ୍ରମୁଖ ଦାବିଦାର ଥିବା ସଚ଼ିନ ପାଇଲଟଙ୍କୁ ଗେହଲଟ ଗୋଷ୍ଠୀ ସମର୍ଥନ କରୁନାହାନ୍ତି। ଗେହଲଟଙ୍କ ସମର୍ଥନରେ ଥିବା ପ୍ରାୟ ୮୨ ବିଧାୟକ ସଚ଼ିନ ପାଇଟଙ୍କ ମୁଖ୍ୟମନ୍ତ୍ରୀ ସପକ୍ଷରେ ନାହାନ୍ତି।ଯାହାକୁ ନେଇ ଦଳୀୟ କନ୍ଦଳ ତେଜିବାରେ ଲାଗିଛି। ପାଇଲଟଙ୍କ ଖୁଲମଖୋଲା ବିଦ୍‌ରୋହ ବେଳେ ଯେଉଁମାନେ ଗେହଲଟଙ୍କ ସମର୍ଥନରେ ଛିଡା ହୋଇଥିଲେ ସେମାନଙ୍କ ମଧ୍ୟରୁ କେହି ଜଣେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ଦାବି ଉଠିଛି। ଗେହଲଟଙ୍କ ପାଖରେ ଏକ ବଡ ଗୋଷ୍ଠୀ ଥିବାରୁ ମୁଖ୍ୟମନ୍ତ୍ରୀ ହେବା ପାଇଁ ପାଇଲଟଙ୍କ ଲାଗି ଏକ ବଡ ଚ଼୍ୟାଲେଞ୍ଜ ହୋଇଛି। ଆଜି ସନ୍ଧ୍ୟାରେ ରାଜସ୍ଥାନ କ୍ୟାବିନେଟ ମନ୍ତ୍ରୀ ଶାନ୍ତି ଧରିୱାଲ ୮୦ ଜଣ ବିଧାୟକଙ୍କୁ ଏକ ବସରେ ଧରି ବାଚ଼ସ୍ପତି ସିପି ଜୋଶୀଙ୍କ ବାସଭବନକୁ ଯାଇଥିଲେ। ସେଠାରେ ଏହି ବିଧାୟକମାନେ ସମୂହ ଇସ୍ତଫା ଦେଇଥିବା ଜଣାପଡିଛି।

## ପୁଣିଥରେ ଭୁବନେଶ୍ୱର କ୍ଲବ୍ ସଭାପତି ହେଲେ ଅସିତ୍ ତ୍ରିପାଠୀ

ଭୁବନେଶ୍ୱର, ୨୫।୯(ପି.ଏନ): ଭୁବନେଶ୍ୱର କ୍ଲବ୍‌ର ନିର୍ବାଚନରେ ଅସିତ୍ ତ୍ରିପାଠୀ ପୁଣି ବିଜୟୀ ହୋଇ କ୍ଲବ୍‌ର ସଭାପତି ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ମହେନ୍ଦ୍ର ଗୁପ୍ତା ନିର୍ବାଚନ ଜିତିଛନ୍ତି। ସେହିପରି ଦିଲ୍ଲୀପ ରାଉତରାୟ ସମ୍ପାଦକ ଓ ଅଶୋକ ମିଶ୍ର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

ଉଲ୍ଲେଖନୀୟ ଯେ ଭୁବନେଶ୍ୱର କ୍ଲବ୍‌ର ପରିଚାଳନା କମିଟି ଲାଗି ସେପ୍ଟେମ୍ବର ୨୪ରେ ଭୋଟିଂ ହୋଇଥିଲା ଓ ୨୫ରେ ଭୋଟ୍ ଗଣତି ହୋଇଥିଲା। କ୍ଲବ୍‌ର ବିଭିନ୍ନ ପଦବୀ ଲାଗି ଦ୍ୱିମୁଖୀ ଲଢ଼େଇ ହୋଇଥିଲା। ସଭାପତି ପଦ ଲାଗି ପୁଣିଥରେ ଅସିତ୍ ତ୍ରିପାଠୀ ମଇଦାନକୁ ଓହ୍ଲାଇ ଥିବାବେଳେ ତାଙ୍କୁ ଟକ୍କର ଦେବା ପାଇଁ ପୂର୍ବତନ ଆଇଏଏସ୍ ଅଧିକାରୀ ସତ୍ୟ ପ୍ରକାଶ ନନ୍ଦ ନିର୍ବାଚନ ଲଢ଼ିଥିଲେ। ହେଲେ ଏଥିରେ ଅସିତ୍ ତ୍ରିପାଠୀ ବିଜୟୀ ହୋଇଛନ୍ତି।

## ନବୀନ ନିବାସ ସାମ୍ନା ଗଛରେ ଚଢ଼ି ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୨୫।୯(ପି.ଏନ): ନବୀନ ନିବାସ ଆଗରେ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ମହିଳା ଜଣଙ୍କ ଗଛରେ ଚଢ଼ି କରିଚନ୍ତି ଆତ୍ମହତ୍ୟା ଉଦ୍ୟମ ।

## କେଉଁଠି ତିଆରି ହେଉଛି ନକଲି ଔଷଧ ସୁରାଗ ଖୋଜୁଛି ପୁଲିସ୍



କଟକ ,୨୫।୯(ପି.ଏନ): ଯେତେ ଚ଼ଢ଼ଉ ହେଉଛି, ସେତେ ନକଲି ଔଷଧ ମିଳୁଛି। ତେବେ ଏଠି ପ୍ରଶ୍ନ ଉଠୁଛି, କଟକ ଓ ଭୁବନେଶ୍ୱରରେ ବିକ୍ରି ହେଉଥିବା ନକଲି ଔଷଧ କେଉଁଠି ତିଆରି ହେଉଛି ତା'ର ସୁରାଗ ପାଉନି କମିଶନରେଟ୍ ପୁଲିସ୍।ଅନ୍ୟପକ୍ଷରେ ନକଲି ଔଷଧ ନେଇ କଟକ ଡିସିପି ପିନାକ ମିଶ୍ର କହିଲେ, ଘଟଣାରେ ଅଲୋକ କୁମାର ମିଶ୍ରା ଓ ହରିଶ କୁମାରଙ୍କୁ ବିହାରର ଗୟାରେ ଗିରଫ କରାଯାଇଥିଲା। ପରେ ସେମାନଙ୍କୁ ଗୟାର ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ନିଟକରେ ହାଜର କରାଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କୁ ଅନୁମତିରେ ସେମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।ଡିସିପି ଆହୁରି କହିଛନ୍ତି, ଏହି ଦୁଇ ଜଣ ଅଭିଯୁକ୍ତ ଅନ୍ୟମାନଙ୍କଠାରୁ ଆଣି ବେପାର କରୁଥିଲେ। ଏହି କାରବାରରେ ବହୁ ଲୋକଙ୍କ ସମ୍ପୃକ୍ତି ରହିଛି। ତଦନ୍ତରେ ବ୍ୟାଘାତ ଥିବାରୁ ସେମାନଙ୍କ ନାଁ କୁହାଯିବ ନାହିଁ। ଗିରଫ ଅଭିଯୁକ୍ତମାନେ ଗୟାରେ ବାଲାଜୀ ଏଜେନ୍ସି ଓ ବାଲାଜୀ ଡ୍ରଗ୍ ପଏଣ୍ଟ ଚ଼ଲାଉଥିଲେ। ଏହି ଦୁଇଯାକ ଏଜେନ୍ସିର ଡ୍ରଗ୍ସ ଲାଇସେନ୍ସ ଫେକ୍ ଥିଲା। ନକଲି ମେଡିସିନ କେଉଁଠି ତିଆରି ଚ଼ାଲିଥିଲା ସେ ଉପରେ ଖୋଳତାଡ଼ ଚ଼ାଲିଛି ବୋଲି କଟକ ଡିସିପି କହିଛନ୍ତି ।କଟକ ଓ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସହରରେ ବ୍ଲଡପ୍ରେସର ବଟିକା ଟେଲ୍‌ମା-୪୦ର ନକଲି ଔଷଧ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଏହା ପରେ ଆକ୍‌ସନ୍ ମୋଡ୍‌କୁ ଆସିଥିଲା ଡ୍ରଗ ଆଣ୍ଡ କଣ୍ଟ୍ରୋଲର ଟିମ୍। ଏହି ଟିମ୍ ବିଶେଷ କରି କଟକ ଓ ଭୁବନେଶ୍ୱରରେ ବହୁ ଔଷଧ ଦୋକାନରେ ଅଚ଼ାନକ ଚ଼ଢ଼ଉ କରିଥିଲା। ଏହି ସମୟରେ ପର୍ଯ୍ୟାପ୍ତ ପରିମାଣରେ ନକଲି ଔଷଧ ମିଳିଥିଲା। ଏହା ପରେ ଡ୍ରଗ ଆଣ୍ଡ କଣ୍ଟ୍ରୋଲର ଟିମ୍ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। କମିଶନରେଟ୍ ପୁଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ରାଜ୍ୟରେ ନୂଆ ୨୧୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୧୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୩୧୬୮ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୨୧୧ ଆକ୍ରାନ୍ତଙ୍କ ମଧ୍ୟରୁ ୧୨୩ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୮୮ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି ।ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୨୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୦୫ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୨୫୦୪ ରେ ପହଂଚିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୨୧ ରହିଛି ।ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୧୧ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧୧, ବରଗଡ଼ ଜିଲ୍ଲାରେ ୭, ଭଦ୍ରକ ଜିଲ୍ଲାରେ ୨, କଟକ ଜିଲ୍ଲାରେ ୨୭, ଢ଼େଙ୍କାନାଳ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୫, ଗଞ୍ଜାମ ଜିଲ୍ଲାରେ ୨, ଜଗତସିଂହପୁର ଜିଲ୍ଲାରେ ୫, ଯାଜପୁର ଜିଲ୍ଲାରେ ୫, ଝାରସୁଗୁଡ଼ା ଜିଲ୍ଲାରେ ୪, କଳାହାଣ୍ଡି ଜିଲ୍ଲାରେ ୩, କେନ୍ଦ୍ରାପଡ଼ା ଜିଲ୍ଲାରେ ୪, କେନ୍ଦୁଝର ଜିଲ୍ଲାରେ ୫ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ମୟୁରଭଞ୍ଜ ଜିଲ୍ଲାରେ ୯, ନବରଙ୍ଗପୁର ଜିଲ୍ଲାରେ ୧, ନୟାଗଡ ଜିଲ୍ଲାରେ ୯, ନୂଆପଡ଼ା ଜିଲ୍ଲାରେ ୩, ପୁରୀ ଜିଲ୍ଲାରେ ୧୧, ରାୟଗଡ଼ା ଜିଲ୍ଲାରେ ୫, ସମ୍ବଲପୁର ଜିଲ୍ଲାରେ ୧୧, ସୋନପୁର ଜିଲ୍ଲାରେ ୨, ସୁନ୍ଦରଗଡ ଜିଲ୍ଲାରେ ୩୨ ଓ ଷ୍ଟେଟ ପୁଲରେ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ରହସ୍ୟ ଘେରରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ : ବିଜେପି ପକ୍ଷରୁ ଗୋପରେ ମନ୍ତ୍ରୀଙ୍କ କୁଶପୁତଳିକା ଦାହ, ନିରପେକ୍ଷ ତଦନ୍ତ ଦାବି

ପୁରୀ, ୨୫।୯(ପି.ଏନ): ଆଜି ବିଜେପି ପକ୍ଷରୁ ଗୋପ ଥାନା ଆଗରେ ଗଣଶିକ୍ଷା ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିବା ସହ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ପୁରୀଜିଲ୍ଲା ଗୋପ ବ୍ଲକର ୧୧ ନମ୍ବର ଜିଲ୍ଲାପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଓରଫ ଟୁକୁନିଙ୍କ ଭୁବନେଶ୍ୱର ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀ ବିହାରରୁ ତାଙ୍କ ଝୁଲନ୍ତା ଶବ ପୋଲିସ ଜବତ କରିଥିଲା। ଏହି ଘଟଣା ଗୋପ, ନିମାପଡ଼ା ପୁରୀ ଜିଲ୍ଲା ସମେତ ରାଜ୍ୟରେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ସମ୍ପର୍କରେ ବିଜେପି ନେତ୍ରୀ ପ୍ରଭାତି ପରିଡ଼ା ବିସ୍ଫୋରକ ବୟାନ ଦେଇ କହିଛନ୍ତି ଧର୍ମେନ୍ଦ୍ରଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଛି। ପରିବାରରେ କ'ଣ ରାଜନୈତିକ ଦ୍ୱନ୍ଦ ରହିଥିଲା। ୧୧ ନମ୍ବର ଜୋନରୁ ବିପୁଳ ଭୋଟରେ ଧର୍ମେନ୍ଦ୍ର ଜିତିଥିବାବେଳେ କ'ଣ ପାଇଁ ଆତ୍ମହତ୍ୟାର ବାଟ ଆଦରି ନେଲେ। ଏହା ପଛରେ କେଉଁ ହେଭି ଓ୍ୱେଟ ନେତାଙ୍କ ହାତ ରହିଛି ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଅଂଚଳବାସୀ କହୁଛନ୍ତି ଟୁକୁନି ସାହୁ ଅତି ଭଦ୍ରନେତା ଥିଲା। ଗତ ନିର୍ବାଚନରେ ସେ ନାରା ଦେଇଥିଲେ ଶଙ୍ଖ କହୁଛି ଦୁଇଟି କଥା- ସୁଖରେ ରହିବା ଉଠାଇ ମଥା। ସେ କିପରି ଦୁଇଟି ଫୋନ ଫୋପାଡ଼ି ଦେଲେ ଓ ଗାମୁଛାରେ ଆତ୍ମହତ୍ୟା କରି ମଥା ତଳକୁ କରିବାକୁ ସାଧାରଣ ଜନତା ସହଜରେ ହଜମ କରିପାରୁ ନାହାନ୍ତି। ଧଉଳି ପୋଲିସ ତାଙ୍କ ଘରୁ ଝୁଲନ୍ତା ଶବ ଉଦ୍ଧାର କରିବା ସହ କ୍ୟାପିଟାଲ ହସ୍‌ପିଟାଲରେ ପୋଷ୍ଟମର୍ଟମ କରାଇଥିଲେ। ଦୁଇଟି ସ୍ଥାନରେ ମନ୍ତ୍ରୀ ଉପସ୍ଥିତ ରହି ଚାପ ପକାଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଫୋନ୍‌ରେ କି ଭିଡ଼ିଓ ଅଛି, ମିଳିଥିବା ଫୋନ୍ ଦୁଇଟି କାହାର, କେଉଁ ସମ୍ପର୍କ ଯୋଗୁ ଧର୍ମେନ୍ଦ୍ର ଆତ୍ମହତ୍ୟାର ବାଟ ବାଛିଲେ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମନ୍ତ୍ରୀ ତୁରନ୍ତ ଇସ୍ତଫା ଦେଇ ତଦନ୍ତ ପରିସରଭୁକ୍ତ ହେବା ପାଇଁ ବିଜେପି ଦାବି କରିଛି ।ଗୋପ ଅଂଚଳବାସୀ ରାଜନୈତିକ ଚାପରେ ବଶବର୍ତ୍ତି ନହୋଇ ନିରପେକ୍ଷ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଟୁକୁନା ଜଣେ ସଫଳ ବ୍ୟବସାୟୀ ଥିବାବେଳେ ୧୫ ବର୍ଷ ତଳେ ଖୋର୍ଦ୍ଧା ତମାଣ୍ଡୋର ଧୁଶାସନ ସ୍ୱାଇଁଙ୍କ କନ୍ୟାକୁ ବିବାହ କରିଥିଲେ। ତାଙ୍କର ୧୪ ବର୍ଷର ଗୋଟିଏ ପୁଅ ଅଛି। ଆତ୍ମହତ୍ୟା ପୂର୍ବରୁ ସ୍ୱାମୀ ସ୍ତ୍ରୀଙ୍କ ଝଗଡ଼ା ହୋଇଥିବା ସନ୍ଦେହ କରାଯାଉଛି। ଏହା ହତ୍ୟା ନା ଆତ୍ମହତ୍ୟା ତା'ର ସିବିଆଇ ତଦନ୍ତ ଦାବି କରାଯାଇଛି। ଧର୍ମେନ୍ଦ୍ର ୧୫ ଦିନ ତଳେ ଆତ୍ମହତ୍ୟା ଉଦ୍ୟମ କରି ବଂଚି ଯାଇଥିଲେ। ଶବ ବ୍ୟବଚ୍ଛେଦ ପରେ ତାଙ୍କ ଘରକୁ ନନେଇ ସିଧାସଳଖ ପୁରୀ ସ୍ୱର୍ଗଦ୍ୱାରରେ ଶବଦାହ କରିବା ପଛରେ ଅନେକ ରହସ୍ୟ ରହିଛି ବୋଲି ଅଂଚଳବାସୀ କହିଛନ୍ତି। ମନ୍ତ୍ରୀକୁ ତୁରନ୍ତ ବହିଷ୍କାର କରାନଗଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ବିଜେପି କହିଛି। ପୁରୀଜିଲ୍ଲା ରାଜନୀତିରେ ସଞ୍ଜୟଙ୍କ ପିଏସଓ ଚିତରଞ୍ଜନଙ୍କ ହତ୍ୟାକାଣ୍ଡ ପରେ ଏବେ ସମୀରଙ୍କୁ ଧର୍ମେନ୍ଦ୍ର ମୃତ୍ୟୁ ଘଟଣା ଯୋଡ଼ିବା ପୁରୀ ଜିଲ୍ଲା ରାଜନୀତିକୁ ଉଷ୍ମ କରିଛି।

## ପ୍ରସବ ବେଦନାରେ ଚାଲିଚାଲି ଗଲେ ଗର୍ଭବତୀ



କନ୍ଧମାଳ ,୨୫।୯(ପି.ଏନ): ଗମନା ଗମନ ର ଅଭାବରୁ କରୁଣ ପରିଣତି ସ୍ୱରୁପ ପ୍ରସବ ବେଦନା ରେ ଚାଲିଚାଲି ଗାଁ ର ପାଦଚଲା ରାସ୍ତାରେ ଏବଂ ନାଳ ଡେଇଁ ଜନନୀ ଏକ୍ସପ୍ରେସ ନିକଟକୁ ଯିବାକୁ ପଡିଲା ଜଣେ ଗର୍ଭବତୀଙ୍କୁ। ଗାଁକୁ ରାସ୍ତା ନଥିବାରୁ ଆସିପାରିଲାନି ଆମ୍ବୁଲାନ୍ସ। ଫଳରେ ଆସନ୍ନ ପ୍ରସବାଙ୍କୁ ନିଜ ଗାଁରୁ ପ୍ରଥମେ ଚାଲି ଚାଲି ଓ ପରେ ଅଟୋରେ ଯିବାକୁ ପଡ଼ିଥିଲା। ତାପରେ ଯାଇ ପହଞ୍ଚିଥିଲା ଭ୍ରାମ୍ୟମାଣ ପ୍ରସୂତି ଯାନ। ଏଭଳି ଅଭାବନୀୟ ଦୃଶ୍ୟ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ମାଦାପଦର ଗାଁରୁ ସାମ୍ନାକୁ ଆସିଛି ।ସୂଚନା ଅନୁଯାୟୀ, ଗାଁର ଚନ୍ଦ୍ରିକା କହଁରଙ୍କ ପ୍ରସବଜନିତ ଯନ୍ତ୍ରଣା ହେବା ପରେ ଆଶାକର୍ମୀଙ୍କ ଜରିଆରେ ଆମ୍ବୁଲାନ୍ସକୁ କଲ୍ କରାଯାଇଥିଲା। କିନ୍ତୁ ଭୃଙ୍ଗିଯୋଡ଼ି ମୁଖ୍ୟ ରାସ୍ତାରୁ ମାଦାପଦରକୁ ୬ କିଲୋମିଟର ଯାଏଁ ରାସ୍ତା ନଥିବାରୁ ପହଞ୍ଚି ପାରିନଥିଲା ଆମ୍ବୁଲାନ୍ସ। ଏପରିକି ଅଟୋଟିଏ ବି ପହଞ୍ଚିବା ସମ୍ଭବ ହୋଇନଥିଲା। ଶେଷରେ ପରିବାର ଲୋକେ ଚନ୍ଦ୍ରିକାଙ୍କୁ ୫ କିଲୋମିଟର ଯାଏଁ ଚଲାଇ ଚଲାଇ ନେଇଥିଲେ। ପରେ ଅଟୋରେ ନେଇଥିଲେ ଭୃଙ୍ଗିଯୋଡ଼ି ଗାଁକୁ। ସେଠାରେ ଏକ ଭ୍ରାମ୍ୟମାଣ ପ୍ରସୂତି ଯାନରେ ତାଙ୍କୁ ନିଆଯାଇଥିଲା ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ। ଚନ୍ଦ୍ରିକା ମେଡ଼ିକାଲରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ ସ୍ୱାସ୍ଥ୍ୟବସ୍ଥା ଭଲ ନଥିବାରୁ ମା'' ସହ ନବଜାତକୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ପରିବାର ଲୋକ ନେଉନାହାନ୍ତି, ମେଡିକାଲ୍ ବେଡ୍‌ରେ ପଡିଛି ମୃତଦେହ



ନବରଙ୍ଗପୁର, ୨୫।୯(ପି.ଏନ): ଡାକ୍ତରଙ୍କ ଚ଼ିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ ରବିବାର ଅପରାହ୍ନ ସାଢ଼େ ୩ଟାରୁ ମେଡିକାଲ୍ ବେଡ୍‌ରେ ପଡିଛି ମୃତଦେହ। ପରିବାର ଲୋକ ମୃତଦେହ ଗ୍ରହଣ କରୁନାହାନ୍ତି। ଏପରି ଘଟଣା ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଘଟିଛି ।ପାପଡାହାଣ୍ଡି ବ୍ଲକ୍ ଖୁଡିଗୁଡା ଗାଁର ଲାଇବନ ମୁଦୁଲି ଓ ତାଙ୍କ ବନ୍ଧୁ ବାଇକ୍‌ରେ ଯାଉଥିଲେ। ତେବେ ପୋକନାଗୁଡା କାଜୁ ବାଡ଼ ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାହାଫଳରେ ଲାଇବନ ମୁଦୁଲି ଗୁରୁତର ଆହତ ହୋଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚ଼ିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ପ୍ରାୟ ସାଢ଼େ ୩ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା ।ଲାଇବନ ମୁଦୁଲିଙ୍କ ମୃତ୍ୟୁ ପରେ ମେଡିକାଲ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। କାର୍ଯ୍ୟରତ ଡାକ୍ତରଙ୍କ ଚ଼ିକିତ୍ସାରେ ଅବହେଳା ଯୋଗୁ ଲାଇବନଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଥିଲେ ପରିବାର ଲୋକ। ଯେଉଁଥିପାଇଁ ମେଡିକାଲ୍‌ରୁ ମୃତଦେହ ନେଇନାହାନ୍ତି। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ପାପଡାହାଣ୍ଡି ଥାନା ପୁଲିସ ମେଡିକାଲ୍‌ରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ମେଡିକାଲ୍‌ରୁ ମୃତଦେହ ନେଇଯିବା ପାଇଁ ପରିବାର ଲୋକଙ୍କୁ ପୁଲିସ ବୁଝାଇଥିଲା ।ରବିବାର ସନ୍ଧ୍ୟା ବେଳେ ମୃତ ଲାଇବନ ମୁଦୁଲିଙ୍କ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଡାକ୍ତରଙ୍କ ଅବହେଳା ଯୋଗୁ ଲାଇବାନଙ୍କ ମୃତ୍ୟୁ ହୋଇଥିବାରୁ ପରିବାର ଲୋକେ ଏଫ୍ଆଇଆର୍‌ରେ ଦର୍ଶାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ମେଡିକାଲ୍‌ର ଇନ୍‌ଡୋର ବେଡ୍‌ରେ ମୃତଦେହ ରହିଥିବା ଜଣାପଡିଛି।

## ଲିଜେଣ୍ଡ କ୍ରିକେଟ ଲିଗ୍ ପାଇଁ ଭୁବନେଶ୍ୱରରେ ପହଂଚିଲେ ଖେଳାଳୀ

ଭୁବନେଶ୍ୱର, ୨୫।୯(ପି.ଏନ): କଟକ ବାରବାଟୀରେ ଖେଳାଯିବାକୁ ଥିବା ଲିଜେଣ୍ଡ କ୍ରିକେଟ ଲିଗ୍ ପାଇଁ ଭୁବନେଶ୍ୱର ଦୁଇ ଦଳ ପହଂଚିଛନ୍ତି । ଭିଲୱାରା କିଙ୍ଗ୍ସ ଓ ମନିପଲ ଟାଇଗର୍ସ ଟିମର ଖେଳାଳୀ ମାନେ ପହଂଚିଛନ୍ତି । ଦୁଇଟି ଯାକ ଟିମ୍ ଭୁବନେଶ୍ୱର ବିମାନବନ୍ଦର ପହଂଚିବା ପରେ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଖେଳାଳୀଙ୍କୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବସ୍‌ରେ ହୋଟେଲକୁ ନିଆଯାଇଥିଲା ।ଭିଲୱାରା କିଙ୍ଗ୍ସରେ ଇରଫାନ ପଠାନ, ୟୁସୁଫ ପଠାନ, ଶ୍ରୀସନ୍ଥ ଓ ସେନ୍ ୱାଟସନଙ୍କ ପରି ବଛା ବଛା ଖେଳାଳି ରହିଥିବା ବେଳେ ମନିପଲ ଟାଇଗର୍ସରେ ହରଭଜନ ସିଂ, ବ୍ରେଟ ଲି, ମହମ୍ମଦ କୈଫ ଓ ମୂରଲୀଧରନଙ୍କ ପରି ଦିଗ୍ଗଜ ଖେଳାଳିମାନେ ରହିଛନ୍ତି ।

## ଗାଡ଼ିର ଫିଟ୍‌ନେସ୍ କେମିତି ଜାଣିବେ ?



ଭୁବନେଶ୍ୱର,୨୫।୯(ପି.ଏନ):ଆପଣଙ୍କ ଗାଡି ଫିଟ୍ ଅଛି ତ ? ଗାଡ଼ିର ଫିଟ୍‌ନେସ୍ କେମିତି ଜାଣିବେ ହୁଏତ ଆପଣ ମେକାନିକ୍ ଦ୍ୱାରା ଗାଡ଼ିର ଫିଟ୍‌ନେସ୍ ଟେଷ୍ଟ କରାଇବେ। ହେଲେ ଏବେ ସହଜ ହେବ ଯାନବାହନର ଫିଟ୍‌ନେସ୍ ଟେଷ୍ଟ। ଦରକାର ପଡ଼ିବନାହିଁ ମେକାନିକ୍। ଆଉ ଦୌଡ଼ିବାକୁ ପଡ଼ିବନି ଆର୍‌ଟିଓ ଅଫିସ। ସ୍ୱୟଂଚ଼ାଳିତ ହେବ୍ ଟେଷ୍ଟିଂ ପ୍ରକ୍ରିୟା। ଯାଞ୍ଚ କରିବ ସ୍ୱତନ୍ତ୍ର ଡିଭାଇସ୍ ।ଗାଡ଼ିର ବୟସ କେତେ ? ଗାଡ଼ି ଫିଟ୍ କି ଅନ୍‌ଫିଟ୍ ଏମିସନ୍ ସ୍ତର କେତେ ଅଛି ସବୁ ତଥ୍ୟ ପ୍ରଦାନ କରିବ ଏହି ସ୍ୱୟଂଚ଼ାଳିତ ବ୍ୟବସ୍ଥା। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ନିର୍ଦ୍ଦେଶ ମୁତାବକ ସ୍ୱତନ୍ତ୍ର ଅଟୋମେଟେଡ୍ ଟେଷ୍ଟିଂ ସିଷ୍ଟମ (ଏଟିଏସ୍) ଆପଣେଇବେ ରାଜ୍ୟ ସରକାର। ସେଥିପାଇଁ ଚ଼ିଠା ନୀତି ପ୍ରସ୍ତୁତ ଲାଗି ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କୁ ଚ଼ିଠି ଲେଖିଛି ବାଣିଜ୍ୟ ଓ ପରିବହନ ବିଭାଗ ।କେନ୍ଦ୍ରୀୟ ମୋଟର ଯାନ ନିୟମ, ୧୯୮୯ ଅନୁଯାୟୀ ପ୍ରସ୍ତୁତ ହେବ ଏହି ଚ଼ିଠା ନୀତି ପ୍ରସ୍ତାବିତ। ଏଟିଏସ୍ ନୀତିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଖୋଲିବ ଏଟିଏସ୍ ସେଣ୍ଟର। ଏମିତିକି କଟକର ଅରିଲୋଠାରେ ଥିବା ଥିବା ଇନ୍ସପେକ୍‌ସନ୍ ଆଣ୍ଡ ସାର୍ଟିଫିକେସନ୍ ସେଣ୍ଟରକୁ ମଧ୍ୟ ଏଟିଏସ୍ ସେଣ୍ଟରରେ ପରିଣତ କରିବାକୁ ଚ଼ିଠିରେ ନିର୍ଦ୍ଦେଶ ଦେଇଛି ରାଜ୍ୟ ପରିବହନ ବିଭାଗ ।ପ୍ରସ୍ତାବିତ ଏଟିଏସ୍ ନୀତିକୁ ସ୍ୱାଗତ କରି ସଡ଼କ ସୁରକ୍ଷା କର୍ମୀ ପ୍ରକାଶ ମହାପାତ୍ର। ସେ କହିଛନ୍ତି, ଏହାଦ୍ୱାରା ଫିଟ୍‌ନେସ ଯାଞ୍ଚ ସରଳ ହେବାସହ ଅନଫିଟ୍ ଗାଡ଼ି ଯୋଗୁ ହେଉଥିବା ଦୁର୍ଘଟଣା ହ୍ରାସ ପାଇବ ।ତେବେ ଅଟୋମେଟେଡ୍ ବ୍ୟବସ୍ଥା ଦ୍ୱାରା ଫିଟ୍‌ନେସ ଟେଷ୍ଟ ଲାଗି ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ନୀତକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗାଡ଼ି ମାଲିକ। ସେମାନଙ୍କ ଅଭିଯୋଗ ସାର୍ଟିଫିକେସନ୍ ସେଣ୍ଟରରୁ ଫିଟ୍‌ନେସ୍ ପାଇବାକୁ ହେଲେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସାମାନ୍ୟ ତ୍ରୁଟି ଥିଲେ ମଧ୍ୟ ମିଳୁନି ଫିଟ୍‌ନେସ ସାର୍ଟିଫିକେଟ୍। ସ୍ୱୟଂଚ଼ାଳିତ ବ୍ୟବସ୍ଥା ଲାଗୁ ହେଲେ ସମସ୍ୟା ଆହୁରି ବଢିବ ବୋଲି ଗାଡି ମାଲିକମାନେ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷରେ ଯଦି ୧୫ରୁ ୨୦ ବର୍ଷର ଗାଡ଼ି ଅଟୋମେଟେଡ୍ ଟେଷ୍ଟରେ ଫିଟ୍ ପ୍ରମାଣିତ ହୁଏ, ତେବେ ତାକୁ ସ୍କ୍ରାପେଜ୍ ପଲିସିରେ କାହିଁକି ସ୍କ୍ରାପ୍ କରାଯିବ ବୋଲି ପ୍ରଶ୍ନ କରିଛନ୍ତି ଗାଡ଼ି ମାଲିକ ।କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ଚ଼ିଠି ଅନୁଯାୟୀ, ଓଡ଼ିଶାର ୫ଟି ସ୍ଥାନରେ ଖୋଲାଯିବ ଏହି ଅଟୋମେଟେଡ୍ ଟେଷ୍ଟିଂ ସେଣ୍ଟର। ରାଜ୍ୟରେ ଏଟିଏସ୍ ଖୋଲିବାକୁ ୧୦ରୁ ଅଧିକ ନିବେଶକ ଆଗ୍ରହ ପ୍ରକାଶ କରିଛନ୍ତି।

## ବୁଲୁଛି ଖଣ୍ଡା ଗଡୁଚି ମୁଣ୍ଡ ଅପରାଧି ବୁଲୁଚି ଖୁଲମ୍ ଖୋଲା

ବଲାଙ୍ଗୀର ,୨୫।୯(ପି.ଏନ): ବଲାଙ୍ଗୀର ସହର କ୍ରାଇମ୍ କ୍ୟାପିଟାଲ, କ୍ରାଇମ୍ ହବ ଯାହା କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ।ହତ୍ୟା, ଚୋରି, ଡକାୟତି, ଧର୍ଷଣ ସମସ୍ତ ଅମାନବୀୟ ଘଟଣା ପୋଲିସ ର ନିଷ୍କ୍ରିୟତା ଯୋଗୁଁ ଘଟି ଯାଉଛି ।ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ କରିବାରେ ବଲାଙ୍ଗୀର ପୋଲିସ ଫେଲ ମାରିଛି ।ସହରରେ ଦିନକୁଦିନ ବାରମ୍ବାର ଅପରାଧ,ଗୁଣ୍ଡାରାଜ୍ ବଢ଼ି ଚାଲିଥିବା ବେଳେ ,କିଛିଟା ଅପରାଧୀ ଙ୍କୁ ଧରି ସାମ୍ବାଦିକ ଙ୍କୁ ଡାକି ବାହା ବାହା ନେଉଛି ।ଏକଦା ବଲାଙ୍ଗୀର ଜିଲ୍ଲା ଶାନ୍ତି ରେ ଥିବା ବେଳେ ବର୍ତ୍ତମାନ ର ଥାନା ଅଧିକାରୀ ଏବଂ ଆରକ୍ଷୀ ଅଧିକ୍ଷକ ଙ୍କ ନିଷ୍କ୍ରିୟତା ଯୋଗୁ ବଲାଙ୍ଗୀର ସହର ଅଶାନ୍ତ ସହରରେ ପରିଣତ ହୋଇଥିବା ବିଷୟ ହାଟ ରେ ବାଟରେ ଚର୍ଚ୍ଚା ହେଉଛି ।ବଲାଙ୍ଗୀର ପୋଲିସ କୁ ଅପରାଧୀ ଗୋଷ୍ଠି ମାନ ଖୁଲମଖୁଲା ଚ୍ୟାଲେଞ୍ଜ କରୁଥିବା ବେଳେ ଅପରାଧ ଦମନ ଦିଗରେ ନିଷ୍କ୍ରିୟତା ପୋଲିସ ପ୍ରତି ଲଜ୍ୟା ର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏଦିଗରେ ପଦକ୍ଷେପ୍ ନେବାକୁ ଉଦବେଗ ପ୍ରକାଶ କରିବା ସହିତ ଜିଲ୍ଲା ନାଗରିକ କମିଟି ଏ ମଧ୍ୟରେ ଦାବି ଉପସ୍ଥାପନ କରିଥିଲେ । ସଦ୍ୟତମ ୨୪ ତାରିଖ ଗତକାଲି ସନ୍ଧ୍ୟାରେ ବଲାଙ୍ଗିର ରାଜିବ ନଗର ବିଜାଖମନ ଠାରେ ପୁଣି ଗୋଟିଏ ମୁଣ୍ଡ ଗଡିଛି । ବଲାଙ୍ଗିର ମୁନିସିପାଲଟି ରେ କାମ କରୁଥିବା ଜଣେ ମହିଳା କର୍ମଚାରୀ କୁ ଗତ ସଂଖ୍ୟାରେ ନିର୍ମମ ଭବରେ ହତ୍ୟା କରାଯାଇଛି । ସବୁଦିନ ମହିଳା ଡ୍ରାଇଭର୍ ସଫାଇ କର୍ମଚାରୀ ଅଷ୍ଟମୀ ବକୁଳ (୪୦) ମଇଳା ଗାଡ଼ି ନେଇ ଫେରୁଥିବା ସେଠାରେ ଯାଇ ନିଜ ସାଇକେଲ ରେ ଫେରୁଥିବା ବେଳେ ଏହି ଅଞ୍ଚଳରେ ତାଙ୍କର ମୃତଦେହ ମିଳିଛି । ପାଖରେ ସାଇକେଲ ପଡ଼ିଚି ।ତାଙ୍କ ମୁଣ୍ଡରେ ଆଘାତ ହୋଇଥିବା ବେଳେ ତାଙ୍କ ଶାରିର ବିଭିନ୍ନ ସ୍ତନରେ କ୍ଷତ ଚିହ୍ନ ରହିଛି । ଗତକାଲି ସନ୍ଧ୍ୟା ୬.୧୫ ପରେ ମୋବାଇଲ କାମ କରିବା ବନ୍ଦ କରିଦେଇଥିଲା । ଶେଷରେ ସେ କଥା ହେଲାବେଳେ ନିଜକୁ ଛାଡି ଦେବାକୁ କାକୁତିମନତି ରୁ ଜଣାଯାଇଛି ଯେ ତାଙ୍କୁ ଆକ୍ରମଣ କରି ହତ୍ୟା କରାଯାଇଛି । ପୋଲିସ ଘଟଣାସ୍ଥଳରେ ଯାଇ ତଦନ୍ତ କରୁଥିବାବେଳେ ଘଟଣା ର କାରଣ ଓ ଏସମ୍ପର୍କରେ ଜାଣିବାକୁ ଉଦ୍ୟମ କରୁଛି । ପୂର୍ବଦିନ ରାତିରେ ଏହି ରାଜିବ ନଗର ଅଞ୍ଚଳରେ ଦୁଇଜଣ ଅଧ୍ୟାପକ ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା ଏଦିଗରେ ପୁଲିସ କାର୍ଯ୍ୟାନୁଷ୍ଠାନ ଆଗରୁ ପୁଣି ଏକ ହତ୍ୟା ଘଟଣା ସହର ମଧ୍ୟରେ ଆତଙ୍କ ବାତାବରଣ ସୃଷ୍ଟି ହୋଇଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପର୍ଯ୍ୟବେକ୍ଷକ' ୨୫ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ










# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡ଼ି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଉଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ୍‌ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ। ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।




# ବିଜେପିର ଓଡ଼ିଶା ସ୍ୱପ୍ନ



ଆସନ୍ତା ୨୦୨୪ ନିର୍ବାଚନରେ ବିଜେପି ଓଡ଼ିଶାରେ ୧୬ଟି ଲୋକସଭା ଆସନ ପାଇବ ବୋଲି ଏବେଠୁ ସ୍ୱପ୍ନ ଦେଖିବାରେ ଲାଗିଛି। ଏବେ ବିଜେପିର ଓଡ଼ିଶାରୁ ଲୋକସଭାରେ ଯେତିକି ସଦସ୍ୟ ଅଛନ୍ତି ତାହା ୧୬ ନହୋଇ ୧କୁ ଚାଲିଆସିବ ବୋଲି ବରିଷ୍ଠ ନେତା ଦାମୋଦର ରାଉତ କହିଛନ୍ତି ବୋଲି ଖବରକାଗଜରେ ପ୍ରକାଶ ପାଇଛି। ଜଣେ ବରିଷ୍ଠ ନାଗରିକ ଭାବେ ଏବଂ ରାଜନୀତି ସମ୍ପର୍କରେ ମୋର ଯେଉଁ କିଛି ଧାରଣା ରହିଛି ସେଥିରୁ ଦାମବାବୁଙ୍କ ବକ୍ତବ୍ୟ ମୋତେ ଠିକ୍ ଲାଗୁଛି। କାରଣ କିଛିଦିନ ତଳେ ମୋବାଇଲରେ ଟାଇମସ୍ ଅଫ ଇଣ୍ଡିଆ ନ୍ୟୁଜରେ ଗୋଟିଏ ଧାଡ଼ି ସମ୍ବାଦ ଦେଖିଥିଲି। ତାହା ଥିଲା-"ବିଗତ ଦିନର କଂଗ୍ରେସ ହାଇକମାଣ୍ଡ ଓ ଏବେର ବିଜେପିର ହାଇକମାଣ୍ଡ।" ଏ ସମ୍ପର୍କରେ ଆଉ ବିଶେଷ ସମ୍ବାଦ ମୋବାଇଲରେ ପାଇଲି ନାହିଁ। ମୁଁ ଭାବୁଛି ଏହି ଲେଖାଟିର ନିଷ୍କର୍ଷ ହେଉଛି କଂଗ୍ରେସ ହାଇକମାଣ୍ଡ କଂଗ୍ରେସକୁ ଯେଉଁସ୍ତରରେ ଆଣି ପହଞ୍ଚାଇ ଦେଇଛି ବିଜେପି ହାଇକମାଣ୍ଡ ବିଜେପିକୁ ଯେ ସେହି ସ୍ତରକୁ ନେଇ ନ ଯିବ କିଏ କହିବ? ଏହି ହାଇକମାଣ୍ଡ କଥା ଚିନ୍ତା କଲାବେଳେ ଓଡ଼ିଶା କଥା ବିଚାରକୁ ନିଆଯାଉ। କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡ଼ିଶାରୁ ତିନିଜଣଙ୍କୁ ନିଆଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ହାଇକମାଣ୍ଡ କହିବେ କି ଏହି ତିନିଜଣଙ୍କ ମଧ୍ୟରୁ କେତେଜଣ ରାଜ୍ୟବାସୀଙ୍କ ସିଧାସଳଖ ଭୋଟରେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଛନ୍ତି ଓ ରାଜ୍ୟବାସୀ ବିଜେପିର କେତେଜଣଙ୍କୁ ସିଧାସଳଖ ଭୋଟ ଦେଇ ପାର୍ଲାମେଣ୍ଟକୁ ପଠାଇଛନ୍ତି ! ଓଡ଼ିଶାବାସୀ ଯେଉଁମାନଙ୍କୁ ଭୋଟ ଦେଇ ପାର୍ଲାମେଣ୍ଟକୁ ପଠାଇଛନ୍ତି ସେମାନେ କ'ଣ ମନ୍ତ୍ରୀ ହେବା ପାଇଁ ଅଯୋଗ୍ୟ ? ରାଜ୍ୟବାସୀଙ୍କ ଭୋଟର କ'ଣ କିଛି ମୂଲ୍ୟ ନାହିଁ ? ଯଦି ରେଳବାଇ ମନ୍ତ୍ରୀ ଓଡ଼ିଶାର, ତେବେ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ପାଇଁ କିଏ ? ସେ ତ ୬ ବର୍ଷ କାଳ ବିହାରର ସେବା କଲେ, ଏବେ ମଧ୍ୟପ୍ରଦେଶର ସେବା କରୁଛନ୍ତି, ତେବେ ସେ ଓଡ଼ିଶାର ହେଲେ କେମିତି ?

ଆମେ ଯାହା ଖବରକାଗଜରେ ପଢ଼ୁଛୁ, କଂଗ୍ରେସ ହାଇକମାଣ୍ଡ ତୋଷାମଦ ଦ୍ୱାରା ରାଜ୍ୟଗୁଡ଼ିକୁ ପରିଚାଳନା କରୁଥିଲେ, ଲୋକଙ୍କ ଭୋଟର ମୂଲ୍ୟ କିଛି ସେମାନେ ଦେଖୁନଥିଲେ। ଯାହାର ଫଳ ହେଉଛି ଆଜିର କଂଗ୍ରେସର ଏ ଅବସ୍ଥା। ଏବେ ଓଡ଼ିଶା କଥା ଆଲୋଚନା କଲେ ସେଥିରୁ ବିଜେପି ହାଇକମାଣ୍ଡ ଯେପରି କଂଗ୍ରେସ ହାଇକମାଣ୍ଡ ଗୁଳାରେ ପଡ଼ିଯାଇଥିବା ପରି ଲାଗୁଛି। ଉତ୍ତର ପ୍ରଦେଶ ନିର୍ବାଚନରେ କାହାରି କୌଶଳ ନୁହେଁ ଯୋଗୀ ଆଦିତ୍ୟନାଥଙ୍କ ବ୍ୟକ୍ତିତ୍ୱ ହିଁ ବିଜେପିକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଯଦି କୌଶଳ କାମ କରୁଛି ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ କ'ଣ ହେଲା। ଆମ ପ୍ରଧାନମନ୍ତ୍ରୀ କହିଁକି ଲୋକହସା ହେଲେ। ବିଜେପି ଓଡ଼ିଶାରେ ତାଙ୍କ ଦଳର ବିକାଶ କରିବାକୁ ଚାହିଁଲେ ରାଜ୍ୟବାସୀଙ୍କ ଭୋଟ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ରାଜ୍ୟରେ ତାଙ୍କ ଦଳର ପ୍ରକୃତ ଲୋକପ୍ରିୟ ନେତା କିଏ ଲୋକେ କାହାକୁ ମୁଖ୍ୟମନ୍ତ୍ରୀ ହେବା ଚାହାଁନ୍ତି, ତାହା ଟିକିନିଖି ତର୍ଜମା କରି ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ଆବଶ୍ୟକ, ଯେପରି ବିହାର ନିର୍ବାଚନ ପୂର୍ବରୁ ନିତିଶ କୁମାର ମୁଖ୍ୟମନ୍ତ୍ରୀ ହେବେ ବୋଲି ବିଜେପି ଘୋଷଣା କରିଥିଲା। ତାହାହେଲେ ଫଳାଫଳ ଭଲ ହୋଇପାରେ। ଯଦି କଂଗ୍ରେସ ହାଇକମାଣ୍ଡଙ୍କ ପରି ତୋଷାମଦକୁ ଗ୍ରହଣ କରି ପ୍ରାର୍ଥୀ ଚୟନ କରାଯାଏ, ତାହା ବିଜେପି ପାଇଁ ଦିବାସ୍ୱପ୍ନ ହୋଇ ରହିବ। ବିଜେଡ଼ିକୁ ସମୁଦ୍ରକୁ ଫୋପାଡ଼ି ଦେବୁ, ଡ଼ବଲ ଇଞ୍ଜିନ, ପୋଡ଼ା ଟ୍ରାନ୍ସଫରମର, ଏସବୁର କିଛି ମାନେ ନାହିଁ।

ଲୋକେ ଜାଣିଛନ୍ତି ବିଜେଡ଼ିକୁ ଭୋଟ ଦେଲେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ। ହାଇକମାଣ୍ଡଙ୍କୁ ଲୋକ ଭୋଟ ଦେବେନାହିଁ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଦେଖି ଲୋକେ ଦଳକୁ ଭୋଟ ଦେଉଛନ୍ତି। ଉପରୁ ମୁଖ୍ୟମନ୍ତ୍ରୀ ଲଦିଦେବା ଆଉ ଲୋକେ ଚାହୁଁନାହାଁନ୍ତି। ଅବଶ୍ୟ ଏବେ ବିଜେଡ଼ି ସରକାର ପ୍ରତି ଲୋକଙ୍କର ବିମୁଖ ଭାବ ପ୍ରକାଶ ପାଉଛି। ଶାସନ ଥିବା ପରିକା ଲୋକ ଅନୁଭବ କରିପାରୁନାହାଁନ୍ତି। ମୋ ବସ୍, ମୋ ସାଇକେଲ, ମୋ ସରକାର ପରି ମୋ ଦୁର୍ନୀତି ରାଜ୍ୟରେ ଏତେ ବ୍ୟାପକ ହେଲାଣି ଯେ, ବିନା ଲାଞ୍ଚରେ କୌଣସି କାମ କରାଇବା ସମ୍ଭବ ହେଉନି। ଏପରିକି ତଳସ୍ତରର କର୍ମଚାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ଖାତିର କରୁନାହାଁନ୍ତି କିମ୍ବା ଅଧିକାରୀମାନେ ତଳିଆ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ସାହସ କରିପାରୁନାହାଁନ୍ତି। ଏ ନେଇ ମୁଁ ନିଜେ ଭୋଗୁଥିବା ଗୋଟିଏ ଘଟଣାର ଉଦାହରଣ ଦେଉଛି। କାମାକ୍ଷାନଗର (ଜିଲ୍ଲା-ଢେଙ୍କାନାଳ) ସିନିୟର ସିଭିଲ ଜଜ୍‌ଙ୍କ ରାୟ ଅନୁସାରେ ମୋର ଜଣେ ସମ୍ପର୍କୀୟ ତାଙ୍କ ପୈତୃକ ସମ୍ପତ୍ତିରୁ କିଛି ଜମି ପାଇବା କଥା ଓ ଅମିନ କମିଶନର ମଧ କେଉଁ କେଉଁ ପ୍ଲଟ ପାଇବେ ସେ ସମ୍ପର୍କରେ ରିପୋର୍ଟ ମଧ ଦେଇଛନ୍ତି। ସିଭିଲ ଜଜ୍‌ଙ୍କ ରାୟ ଅମିନ କମିଶନରଙ୍କ ରିପୋର୍ଟ ଭୁବନ (ଢେଙ୍କାନାଳ) ତହସିଲଦାରଙ୍କ ନିକଟରେ ଗତ ଦୁଇବର୍ଷରୁ ଅଧିକ କାଳ ହେଲା ଦାଖଲ କରାଯାଇଛି। ତାଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏବଂ ମୁଖ୍ୟମନ୍ତ୍ରୀ, ରାଜସ୍ୱ ସଚିବ ଏବଂ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ ପଟ୍ଟା ମିଳିପାରୁନାହିଁ। ଗତ ତା୩୦.୦୩.୨୦୨୨ରିଖରେ ଶେଷଥର ପାଇଁ କଟକ ଜିପିଓରୁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ରାଜସ୍ୱ ସଚିବ ତା୩୧.୬.୨୨ରିଖରେ ଭୁବନେଶ୍ୱରରେ ଜିପିଓରୁ ରାଜସ୍ୱ ସଚିବଙ୍କୁ ଏବଂ ଜିଲ୍ଲାପାଳଙ୍କୁ ତା'ର ନକଲ ପଠାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପଟ୍ଟା ମିଳିପାରିନାହିଁ। ସାଧାରଣ ଜନତା ଏବେ ଏ ପ୍ରକାର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ କିଛି ବିକଳ୍ପ ଖୋଜୁଛନ୍ତି। ଏହା ବିଜେପି ପାଇଁ ଏକ ସତର୍କ ଘଣ୍ଟି ହୋଇଥିବା ବେଳେ ବିଜେପି ପାଇଁ ଏକ ସୁଯୋଗ। ତେଣୁ ତେଲ ମାଲିସ ଓ ହାତ ଚିକ୍କଣରୁ ଦୂରେଇ ରହି ବିଜେପି ଆସନ୍ତା ନିର୍ବାଚନ ପୂର୍ବରୁ ଲୋକ ଚାହୁଁଥିବା ନେତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କଲେ ତାହାହେଲେ କିଛି ସମ୍ଭାବନା କଥା ଦେଇପାରେ। ନହେଲେ ବିଜେପିର ଏହି ଓଡ଼ିଶା ସ୍ୱପ୍ନ ଦେଖିବା ପାଇଁ ଆଉ ରାତି ନାହିଁ।

**-ପ୍ରଦ୍ୟୋତ କୁମାର ବିଶୋଇ**
*ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ, ଜୟଦେବ ବିହା,ର*
*ମୋବାଇଲ: ୯୮୬୧୦୭୩୫୧୧*

# ୨୬ରେ ଗଣେଶ ପରିଜା ସ୍ମାରକୀ ବକ୍ତୃତା



ଭୁବନେଶ୍ୱର (ପିଏନ୍)-ବିଶିଷ୍ଟ ଗବେଷକ ତଥା ଜନପ୍ରିୟ ଲେଖକ, ଗଣେଶ ପ୍ରସାଦ ପରିଜାଙ୍କ ତ୍ରୟୋବିଂଶ ସ୍ମୃତି ଦିବସ ପରିପ୍ରେକ୍ଷୀରେ 'ଶାରଳା ସ୍ମାରକ' ପକ୍ଷରୁ 'ଗଣେଶ ପରିଜା ସ୍ମାରକୀ ବକ୍ତୃତା' ଓ 'ଗଣେଶ ପରିଜା ସମ୍ମାନ' ପ୍ରଦାନ ଉତ୍ସବ ଆସନ୍ତା ସେପ୍ଟେମ୍ବର-୨୬ ତାରିଖ ସଂଧ୍ୟା ୬ ଘଟିକା ୩୦ମିନିଟ୍‌ରେ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେଉଛି। ବିଶିଷ୍ଟ ଗବେଷକ ତଥା ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ଉପନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ କୁମାର ରଥ 'ଶ୍ରୀଜଗନ୍ନାଥ ସଂସ୍କୃତିରେ ଲୋକ ଏବଂ ଲୋକୋତ୍ତର ଚେତନା' ଶୀର୍ଷକ ଏହି ସ୍ମାରକୀ ବକ୍ତୃତା ପ୍ରଦାନ କରିବେ। ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ବିଶିଷ୍ଟ ଐତିହ୍ୟ ଗବେଷକ ଅନୀଲ ଧୀରଙ୍କୁ ତାଙ୍କର ଓଡିଶାର ଐତିହ୍ୟ ଉପରେ ଗଭୀର ଗବେଷଣା ପାଇଁ 'ପଞ୍ଚମ ଗଣେଶ ପରିଜା ସମ୍ମାନ' ପ୍ରଦାନ କରାଯିବ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡକ୍ଟର) ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଉଥିବା ଏହି ଉତ୍ସବରେ ବିଶିଷ୍ଟ ଚିକିତ୍ସା ବିଜ୍ଞାନୀ ତଥା ଶାରଳା ସ୍ମାରକର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡା. ନିମାଇଁ ଚରଣ ପରିଜା ସଭାପତିତ୍ୱ କରିବେ। ଏହି କାର୍ଯ୍ୟକ୍ରମରେ ଗଣେଶ ପରିଜା ଶୁଭେଚ୍ଛୁ ତଥା ସାହିତ୍ୟ ସଂସ୍କୃତିପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଆୟୋଜକ ସମିତି ପକ୍ଷରୁ ସ୍ମୃତି ସଂଧାର ସଂଯୋଜକ ତଥା ଯୁବ ଭାଷାତତ୍ତ୍ୱବିତ୍ ଡ. ଦେବାଶିଷ ମହାପାତ୍ର, ସହସଂଯୋଜକ ଶତ୍ରୁଜିତ୍, ସାମ୍ବାଦିକ ଅପୂର୍ବ କୁମାର ମହାନ୍ତି ଓ ବିଜୟ କୁମାର ମହାନ୍ତି ଅନୁରୋଧ କରିଛନ୍ତି।

# ଦୀନଦରିଦ୍ରର ସେବକ ଥିଲେ ପ୍ରସନ୍ନ ଚମ୍ପତି




ଖୋର୍ଦ୍ଧା (ପିଏନ୍): ବିଶିଷ୍ଟ ସାମ୍ୟବାଦୀ ନେତା ତଥା ସମାଜସେବୀ ପ୍ରସନ୍ନ ଚମ୍ପତିଙ୍କ ଏକ ପ୍ରତିମୂର୍ତ୍ତି ମଳିପଡ଼ା ଜାତୀୟ ରାଜପଥ ପଶ୍ଚିମ ପାର୍ଶ୍ୱରେ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ଏକ ସ୍ମୃତିସଭା ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟଙ୍କ ଅଧ୍ୟକ୍ଷତାରେ ତଥା ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ମୁଖ୍ୟବକ୍ତା ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଏବଂ ସମ୍ମାନିତ ଅତିଥି ରୂପେ କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ବାଣପୁର ଗୋଦାବରୀଶ ମହା ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ନୃସିଂହ ଚରଣ ପ୍ରଧାନ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହ ଓ ବିଶିଷ୍ଟ ଶିକ୍ଷାବିତ୍ ଗତିକୃଷ୍ଣ ଉତରକବାଟ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଚମ୍ପତିଙ୍କ ଜୀବନ ତମାମ ସମାଜସେବା ତଥା ଗ୍ରାମରେ ଡ଼ାକ୍ତରଖାନା ଓ କଲେଜ ପ୍ରତିଷ୍ଠାରେ ତାଙ୍କର ପ୍ରଗାଢ଼ ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ସର୍ବୋପରି ସେ ଦୀନ ଦରିଦ୍ରର ସେବକଭାବେ କାର୍ଯ୍ୟକରିଥିଲେ ଯାହା ଯୁଗ ଯୁଗ ଧରି ସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ପୁତ୍ର ନାଗଭୂଷଣ ଚମ୍ପତି, ପତ୍ନୀ ଜ୍ୟୋତ୍ସ୍ନାରାଣୀ ସୁନ୍ଦରାୟ, ଉର୍ମିଳା ବଳବନ୍ତରାୟ, ସନ୍ଧ୍ୟାରାଣୀ ହରିଚନ୍ଦନ, ତମାଳ ଦେଇ, ପ୍ରକାଶ ଚମ୍ପତି, କମଳେଶ ମହାରଣା, ଜୟନ୍ତ ଚମ୍ପତି, ପ୍ରସନ୍ନ ମହାପାତ୍ର, ପ୍ରଦୀପ ଚମ୍ପତି, ଅର୍ଜୁନ ପ୍ରଧାନ, ଅମୀୟ ଚମ୍ପତି ପ୍ରମୁଖ ତାଙ୍କ କୀର୍ତିମୟ ଜୀବନର ଅନେକ କଥା ଉଦାହରଣ ଛଳରେ କହିଥିଲେ। ଧନେଶ୍ୱର ବଳିଆରସିଂହ ଓ ଗୁଣନିଧି ସୁବୁଦ୍ଧି ନାମ ସଂକୀର୍ତନ କରିଥିବା ବେଳେ ପ୍ରକାଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଲିଟନ ପାହାନ୍ତାସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଡ଼ଚଣା କଂଗ୍ରେସର ମିଶ୍ରଣ ପର୍ବ

ଦର୍ପଣ (ପିଏନ)-ଚଣ୍ଡିଖୋଲ ସ୍ଥିତ ରାଜୀବ ମେମୋରିଆଲ କଲ୍‌ଚରାଲ୍ ସେଣ୍ଟରଠାରେ କୁନ୍ଦଳ ପଞ୍ଚାୟତର ଅନେକ କର୍ମୀ ଉଭୟ ବିଜେପି ଓ ବିଜେଡି ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି ଓ କନ୍ୟାକୁମାରୀରୁ ଆରମ୍ଭ କରି ବିଭିନ୍ନ ରାଜ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତ ଜୋଡ଼ ଯାତ୍ରା କରି କଂଗ୍ରେସକୁ ମଜଭୁତ କରୁଥିବା ବେଳେ ସେହିଭଳି ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱକୁ ଆସ୍ଥା ପ୍ରକଟ କରି କୁନ୍ଦଳ ପଞ୍ଚାୟତର ବିଭିନ୍ନ ଗ୍ରାମର ଶରତ ଚନ୍ଦ୍ର ଦାସ, ପିତାମ୍ବର କବି, ବାବାଜୀ ସିଂ, ବଂଶୀଧର ବେହେରା, ସେକ ତାସଲିମ, ସେକ ଅସଫାକ ଆଲମ,ସେକ ଅବଦୁଲ, ଗୋବିନ୍ଦ ନାୟକ, ସେକ ଚାନ୍ଦ, ଭରତ ସେଠୀ, ରାଜେନ୍ଦ୍ର ସ୍ୱାଇଁ, ରାଧାନାଥ ବିଶ୍ୱାଳ, ଅଶୋକ ସାହୁ, ସମୀର ସାମଲ, ଗୌତମ ଜେନା, ବିକାଶ ଜେନା, ପ୍ରଦୀପ ସେଠୀ, ଅମର ଦାସ, ଫକୀର ସିଂହ,କିଶୋର ସିଂ, ଜୀବନଜ୍ୟୋତି ରାଉତଙ୍କ ସମେତ ବହୁ ଉଭୟ ବିଜେପି ଓ ବିଜେଡି ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି ଓ କଂଗ୍ରେସ ନେତା ଶ୍ରୀଯୁକ୍ତ ମହାପାତ୍ର ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଉପଢୌକନ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ କଂଗ୍ରେସ କମିଟି ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦୀପ ସାମଲ, ଯୁବ କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ଶିଶିର ସାମଲ, କୁନ୍ଦଳ ପଞ୍ଚାୟତ ସଭାପତି ଅଚ୍ୟୁତାନନ୍ଦ ପଣ୍ଡା, ପ୍ରାକ୍ତନ ପଞ୍ଚାୟତ ସଭାପତି ବ୍ରଜବନ୍ଧୁ ସାମଲ, ଜୟପ୍ରକାଶ ବିଶ୍ୱାଳ, ସତ୍ୟବ୍ରତ ସାମଲ, ବିଚିତ୍ର ଜେନା, ସଞ୍ଜୟ ସିଂ, ଦେବେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ଉତ୍ତର ଗବବସ୍ତ ମୌଜାର ହାସିନ ସୁଲତାନାଙ୍କ (୨୨) ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଏପରି ଝୁଲାଇ ଦିଆଯାଇଥିବା ସୁଲତାନାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ବିଭିନ୍ନ ଘଟଣାକୁ ନେଇ ପରିବାର ମଧ୍ୟରେ କଳହ ଲାଗି ରହିଥିଲା। ସୁଲତାନାଙ୍କର ମାତ୍ର ୮ମାସ ତଳେ ବିବାହ ହୋଇଥିଲାବେଳେ ତାଙ୍କ ସ୍ୱାମୀ ଗାଡ଼ିଚାଳକ ଭାବେ କାର୍ଯ୍ୟ କରନ୍ତି। ଏକ ଅସଦାଚରଣ ମାମଲାରେ ସେ ଜେଲ ଯାଇଥିଲେ। ଖବର ପାଇ ସଦର ଥାନା ପୁଲିସ ଗବବସ୍ତରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଏହି ଘଟଣାରେ ସୁଲତାନାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଥାନାରେ ଅଟକ ରଖାଯାଇଥିବା ଆଇଆଇସି ରଶ୍ମିରଂଜନ ମହାପାତ୍ର କହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ପୁଲିସ ମୁତୟନ କରାଯାଇଛି।

# —ପିତୃପକ୍ଷ: ମହାଳୟା—






ପିତାମାତାଙ୍କ ଋଣ ଜନ୍ମଜନ୍ମାନ୍ତର ନେଇ ଚେଷ୍ଟାକଲେ ବି ଶୁଝାପଡ଼େ ନାହିଁ। ତଥାପି ପୁତ୍ର ସେମାନଙ୍କ ଜୀବଦ୍ଦଶାରେ ବାର୍ଦ୍ଧକ୍ୟରେ ସେମାନଙ୍କୁ ସେବା ଓ ସହାୟତା ଦିଏ ଏବଂ ସେମାନଙ୍କ ମୃତ୍ୟୁ ପରେ ପରାଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶୁଦ୍ଧ, ଶ୍ରାଦ୍ଧ ଓ ତର୍ପଣ ଇତ୍ୟାଦି କାର୍ଯ୍ୟକରେ। ଏ ସବୁର ମୂଳରେ ଅଛି ସେମାନଙ୍କ ମୋକ୍ଷ ନିମନ୍ତେ ପିଣ୍ଡଦାନ ଦେବା। ଏମିତି କହିଲେ ପିତୃ ଲୋକାଗତ ଆତ୍ମାର ଉର୍ଦ୍ଧ୍ୱଗତି ବା ସଦ୍‌ଗତି ଲାଭ କରିବା ନିମନ୍ତେ ଶ୍ରାଦ୍ଧ ଓ ତର୍ପଣର କର୍ମ କରାଯାଏ। ଏ ପ୍ରକାର ଶ୍ରାଦ୍ଧ ତାଙ୍କ ମୃତ୍ୟୁ ଦିବସରେ କରାଯାଇଥାଏ ଅଥଚ ମହାଳୟା ଶ୍ରାଦ୍ଧ ପିତୃପକ୍ଷରେ କରାଯାଇଥାଏ। ପିତୃପକ୍ଷ କହିଲେ ଆଶ୍ୱିନ କୃଷ୍ଣ ପ୍ରତିପଦା ଠାରୁ ଅମାବାସ୍ୟା ଯାଏଁ ଦିବସକୁ ବୁଝାଏ। ଏହି ଦିନଗୁଡ଼ିକରେ ପିତୃଗଣଙ୍କ ତୃପ୍ତି ବିଧାନାର୍ଥେ ନିତ୍ୟ ତିଳାଞ୍ଜଳି ଅର୍ପଣ କରାଯାଏ। ଏଭିତରୁ ଯେ କୌଣସି ଦିନ ବିନା ତିଥି ନକ୍ଷତ୍ରରେ ପିତୃପକ୍ଷ ଶ୍ରାଦ୍ଧ ଦିଆଯାଇପାରିବ।



ଆଶ୍ୱିନ କୃଷ୍ଣପକ୍ଷ ହେଉଛି ପିତୃପକ୍ଷ; କିନ୍ତୁ ଅମାବାସ୍ୟା ହେଉଛି ପିତୃତିଥି। ଏହି ଦିନକୁ ପିତୃଗଣଙ୍କ ତିଥି ମହାଳୟ ବୋଲି କୁହାଯାଏ। ଏହି ଦିବସରେ ପୁତ୍ର ପୂର୍ବବର୍ତ୍ତୀ ତିନିପୁରୁଷଙ୍କୁ ଶ୍ରାଦ୍ଧବାଢ଼େ। ପିତା, ପିତାମହ ଓ ପ୍ରପିତାମହ ନିଜ କୁଳର ତିନିପୁରୁଷ; ମାତା, ମାତାମହୀ ଓ ପ୍ରପିତାମହୀ ଏମିତି ମାତୁଳ କୁଳର ତିନି ପରୁଷ ସହିତ ଏକ ଲୁପ୍ତ ପୁରୁଷଙ୍କୁ ଦିଏ। ମଉଳାକୁଳର ସଂପୃକ୍ତ ହେତୁ ମହାଳୟା ଶ୍ରାଦ୍ଧକୁ ମଉଳାଶ୍ରାଦ୍ଧ ମଧ୍ୟ କୁହାଯାଏ। ମୃତ୍ୟୁ ଲୋକରେ ଥାଇ ପୂର୍ବ ପୁରୁଷମାନେ ମହାଳୟା ବା ପିତୃପକ୍ଷରେ ପିଣ୍ଡପାଇଁ ଅପେକ୍ଷା କରିଥାନ୍ତି। ଯଦି ପିଣ୍ଡ ଦିଆନଯାଏ, ସେମାନେ ନିରାଶ ହୋଇ ଫେରିଯାଆନ୍ତି। ଅମାବାସ୍ୟା ଦିନ ଶ୍ରାଦ୍ଧଟି ଅତି ପବିତ୍ର। ଏହିଦିନ ସମସ୍ତ ବ୍ୟକ୍ତି ଏବଂ ଜାତି ଶ୍ରାଦ୍ଧ ଦେଇପାରିବେ। ସାଧାରଣତଃ ଏହି ଶ୍ରାଦ୍ଧ ନିଜର ବାସଗୃହ, ତୀର୍ଥନଦୀ, ପୁଷ୍କରିଣୀ, ସମୁଦ୍ରକୂଳ, ତୁଳସୀ ମୂଳ, ଗୟା, ବଦ୍ରିନାଥ, ବ୍ରହ୍ମକୁଣ୍ଡଳ, ଆମ ଓଡ଼ିଶାର ବିନ୍ଦୁସାଗର, ବୈତରଣୀ କୂଳ ଏବଂ ସର୍ବୋପରି ଶ୍ରୀମନ୍ଦିରରେ ଦିଆଯାଇ-ପାରେ। ପିଣ୍ଡରେ ମହାପ୍ରସାଦ, ପାକାନ୍ନ ବା ଆମାନ୍ନ ବଢ଼ାଯାଇପାରେ। କେବଳ ପିତୃପୁରୁଷ ଉଦ୍ଦେଶ୍ୟରେ ପିଣ୍ଡଦାନ ଓ ତର୍ପଣ କରାଯାଏ ନାହିଁ। ବିଶ୍ୱଦେବ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଋଷିଗଣ, ବେଦ, ଛନ୍ଦ ଇତ୍ୟାଦି ତୃପ୍ତିବିଧାନ ପାଇଁ ମଧ୍ୟ ଜଳତିଳ ତର୍ପଣ କରାଯାଏ। ଦକ୍ଷିଣ ହସ୍ତର ତର୍ଜନୀ ବା ବୃଦ୍ଧାଙ୍ଗୁଳି ମୂଳରେ ଥିବା ସ୍ଥାନ ପିତୃତୀର୍ଥ ନାମରେ ପରିଚିତ। ଏଣୁ ଶ୍ରାଦ୍ଧ ସମୟରେ ସେହି ମୁଦ୍ରାରେ ପିଣ୍ଡ ଅର୍ପଣ କରାଯାଏ। ଶ୍ରାଦ୍ଧ ଜ୍ୟେଷ୍ଠପୁତ୍ର ଦେବା ବିଧେୟ କିମ୍ବା ଜ୍ୟେଷ୍ଠବ୍ୟକ୍ତି ବି ହୋଇପାରନ୍ତି। ପିତାମାତାଙ୍କୁ ପିଣ୍ଡଦାନ ଓ ତର୍ପଣ ଦ୍ୱାର ସେମାନଙ୍କର ସ୍ୱର୍ଗବାସ ହୁଏ ବୋଲି ବିଶ୍ୱାସ। ପୁତ୍ରମାନେ ଏହା ଶ୍ରଦ୍ଧାର ସହିତ ସମାପନା କରିବା ଦ୍ୱାରା ଏହାକୁ ଶ୍ରାଦ୍ଧ କୁହାଯାଏ। ଏଥିରେ ସେ ନିଜେ ପିତୃଋଣରୁ ମୁକ୍ତି ପାଇବା ସହ ନିଜର ପରମଗତି ପାଇଁ ଧର୍ମ ସଂଚୟକରନ୍ତି। ଏଣୁ ଯଥାର୍ଥରେ କୁହାଯାଇଛି:







*"ପିତାଧର୍ମ ପିତାସ୍ୱର୍ଗ ପିତାହିଁ ପରମ ତପଃ/ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତା।"*

**ବିପିନବିହାରୀ ମହାନ୍ତି,** ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

# ରାଜ୍ୟ ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ବିଭାଗ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ବିକାଶ ପାଇଁ ପ୍ରୋତ୍ସାହନ




ଖୋର୍ଦ୍ଧା (ପିଏନ)-ରାଜ୍ୟ ବୟନ, ହସ୍ତତନ୍ତ୍ର ଏବଂ ହସ୍ତ ଶିଳ୍ପ ବିଭାଗ ଓ ପର୍ଯ୍ୟଟନ ବିଭାଗର ପକ୍ଷରୁ ପର୍ଯ୍ୟଟନ ବିକାଶ ପାଇଁ ପ୍ରୋତ୍ସାହନର ଗଠନମୂଳକ ତଥା ସୁଦୂର ପ୍ରସାରୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗ୍ରାମାଚଂଳର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟଟନ ସହିତ ଶତାବ୍ଦୀ ପୁରୁଣା ହସ୍ତତନ୍ତ୍ର ପରମ୍ପରାକୁ ଏକୀକୃତ କରିବାରେ ରାଜ୍ୟ ସରକାର ସକ୍ରିୟ ପଦକ୍ଷେପ ନେଉଛନ୍ତି। ଏହା କେବଳ ଘରୋଇ ତଥା ବିଦେଶୀ ପରିଦର୍ଶକଙ୍କୁ ଆକର୍ଷିତ କରିବ ନାହିଁ ଏବଂ ଗ୍ରାମାଚଂଳରେ ଜନସାଧାରଣଙ୍କୁ ସେମାନଙ୍କର ସାମାଜିକ ଅର୍ଥନୈତିକ ଉନ୍ନତି ପାଇଁ ସୁଯୋଗ ପ୍ରଦାନ କରିବ । ଜଗତସିଂହପୁର ଜିଲ୍ଲାର ଜୟିପୁର ଠାରେ ଏକ ବୁଣାକାର ଶିଳ୍ପଗ୍ରାମ ବୟନ ଗ୍ରାମକୁ ଉଦଘାଟନ କରାଯାଇଛି। ମାଣିଆବନ୍ଧ ବୌଦ୍ଧ ହସ୍ତତନ୍ତ୍ର ପର୍ଯ୍ୟଟନ ଗ୍ରାମ ଏବଂ ଗୋପାଳପୁର ଟସର ହସ୍ତଶିଳ୍ପ ଅଂଚଳର ବିକାଶ ପାଇଁ କାର୍ଯ୍ୟ ହୋଇଥିବା ବେଳେ ଆହୁରି ଅନେକ କାର୍ଯ୍ୟ ଆଗେଇ ଚାଲିଛି ।ଅନେକ ବିଦେଶି ଏବଂ ଘରୋଇ ପର୍ଯ୍ୟଟକ ଓଡିଶାର ବିଭିନ୍ନ ହ୍ୟାଣ୍ଡଲୁମ କ୍ଲଷ୍ଟର ପରିଦର୍ଶନ କରି ହସ୍ତଶିଳ୍ପ ସମ୍ବନ୍ଧିୟ ବିଭିନ୍ନ କୌଶଳ ଏବଂ ପଦ୍ଧତି ଗୁଡିକ ବ୍ୟବସାୟିକ ଉଦ୍ଦେଶ୍ୟରେ ବୁଝିବା ପାଇଁ ଇଚ୍ଛା ପ୍ରକାଶ କରୁଥିବାର ଦେଖାଯାଏ। କାରିଗର କିମ୍ବା ବୁଣାକାର ସମ୍ପ୍ରଦାୟ ମାନେ ପର୍ଯ୍ୟଟକ/ପରିଦର୍ଶକଙ୍କୁ ଏକ ସୂଚନା ପୂର୍ଣ୍ଣ ତଥ୍ୟ ପ୍ରଦାନ କୌଶଳ ଉପରେ ଅଭିଜ୍ଞତା ରହିବା ଅତ୍ୟନ୍ତ ଆବଶ୍ୟକ। ତେଣୁ ଓଡିଶାର ୭୩ ଟି ହସ୍ତତନ୍ତ୍ର କ୍ଲଷ୍ଟରର ୭୩୦ ଜଣ ମାଷ୍ଟର ବୁଣାକାର /ପୁରସ୍କାରପ୍ରାପ୍ତ ବୁଣାକାର,ଉଦ୍ୟୋଗୀ ବୁଣାକାର/କାରିଗରଙ୍କୁ ଆତିଥ୍ୟ ଏବଂ ପର୍ଯ୍ୟଟନ ପରିଚାଳନା ଉପରେ ସ୍ୱଳ୍ପ ଦକ୍ଷତା ବିକାଶ ଉପରେ ଗୋଟିଏ ଦିନ ତାଲିମ ଦିଆଯିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହି ଦୃଷ୍ଟିରୁ ଖୋର୍ଦ୍ଧା ହସ୍ତତନ୍ତ୍ର ଅଂଚଳ (ଜୋନ)ର ବୁଣାକାରମାନଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ୨୦୨୨ ମସିହା ସେପ୍ଟେମ୍ବର ୨୩ ରେ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଖୋର୍ଦ୍ଧାଙ୍କ ଦ୍ୱାରା ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଂଟ ଦ୍ୱାରା ପରିଚାଳିତ ଏବଂ ରାଜ୍ୟ ହସ୍ତତନ୍ତ୍ର ପୁଞ୍ଜ ବିକାଶ ଆନୁଷ୍ଠାନଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ବୟନ ଶିଳ୍ପ ଉପ ନିର୍ଦ୍ଦେଶକ ଇନ୍ଦ୍ରମଣି କାଣ୍ଡି,ଖୋର୍ଦ୍ଧା ସାଧାକ ର ଦିଲ୍ଲୀପ ବାଗ,ସହକାରୀ ପ୍ରଫେସର ଡକ୍ଟର ବି ସ୍ୱଜନ ଉଦଘାଟନ କରିଥିଲେ ।ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଂଟର ବୟନ ତତ୍ତ୍ୱାବଧାରକ ଭବତୋଷ ବେହୁରୀ ,ଦେବ ଘଡେଇ ,ରୋଜାଲିନ ଦାସ,ପ୍ରଣତୀ ସାହୁ, ସାଧାକର ଜ୍ୟୋର୍ତିମୟୀ ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ୨ଟି ଜିଲ୍ଲାର (ଖୋର୍ଦ୍ଧା ଓ ପୁରୀ) ଜିଲ୍ଲା ୩୦ ଜଣ ବୁଣାକାର ଯୋଗଦାନ କରିଥିଲେ। ଏହି ତାଲିମ ପର୍ଯ୍ୟଟକଙ୍କୁ ମୂଲ୍ୟବାନ ସୂଚନା ଆଦାନ ପ୍ରଦାନ କରିବା ସହିତ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବାକୁ ସକ୍ଷମ ଏବଂ ସଶକ୍ତ କରିବ। ହସ୍ତତନ୍ତ୍ର ପୁଞ୍ଜର ପର୍ଯ୍ୟଟନ ବିକାଶ ଏହି ବୁଣାକାର ସମ୍ପ୍ରଦାୟର ଦକ୍ଷତା ବିକାଶ ନିମର୍ତେ ଗୁରୁତ୍ୱପୂର୍ଣ୍ଣ ରଣନୀତି ଭାବରେ ଗ୍ରହଣ କରାଯାଏ ।ସମ୍ପ୍ରଦାୟର ବିକାଶ ସଫଳତା ଓ ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

# ଗୋରୁବୋଝେଇ କଂଟେନର ଜବତ ଘଟଣାରେ ଡ୍ରାଇଭର ଓ ହେଲପର ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ନିକଟରୁ ଗୋରୁ ବୋଝେଇ କଂଟେନର ଉଦ୍ଧାର ଘଟଣାରେ ପୁଲିସ କଂଟେନର ଡ୍ରାଇଭର ଓ ହେଲପରକୁ ଗିରଫ କରିଛି । ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ଓଆର-୦୨-ଏପି-୭୨୮୪ ନଂ କଂଟେନର ଗାଡିରେ ୪୫ଟି ଗୋରୁ ବୋଝେଇ କରି ଗତ ମଙ୍ଗଳବାର ରାତିରେ କଲିକତା ଅଭିମୁଖେ ଯାଉଥିବା ବେଳେ ଭୁବନେଶ୍ୱର ଅଂଚଳର ଏକ ଗୋସୁରକ୍ଷା ସଙ୍ଗଠନର ସଦସ୍ୟମାନେ ଗାଡିର ପିଛା କରିଥିଲେ । ଭୁବନେଶ୍ୱରରୁ ଗୋରୁ ବୋଝେଇ କଂଟେନରର ପିଛା କରି ରାତି ପ୍ରାୟ ୨ଟା ସମୟରେ ଧର୍ମଶାଳା ଥାନା ବ୍ରାହ୍ମଣୀ ବ୍ରିଜ ନିକଟରେ ଗାଡିକୁ ଅଟକାଇ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚିବା ସମୟରେ କଂଟେନର ଗାଡିର ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ପରେ ପୁଲିସ ଏକ ହାଇଡ୍ରା ଗାଡି ସହାୟତାରେ କଂଟେନର ଗାଡିକୁ କୁଆଖିଆ ଥାନା ରାଜେନ୍ଦ୍ରପୁର ଅଂଚଳକୁ ନେଇ ସେଠାରେ ଗୋରୁଙ୍କୁ ଗାଡିରୁ ବାହାର କରି ସ୍ଥାନୀୟ ଲୋକମାନଙ୍କ ଜିମା ଦେଇଥିଲେ। ପୁଲିସ କଂଟେନର ଗାଡିକୁ ଜବତ କରିବା ସହ ଏନେଇ ୫୨୦/୨୨ରେ ଏକ କେଶ ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଖୋର୍ଦ୍ଧା ବାଲିପାଟଣା ଅଂଚଳର ସେକ ଆବୁ ବସର (୫୨) ଓ ସେହି ଅଂଚଳର ହେଲପର ସେକ ନିଜାମୁଦ୍ଦିନକୁ ପୁଲିସ ଗିରଫ କରିଥିଲା । ଉଭୟ ହେଲପର ଓ ଡ୍ରାଇଭରକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଗାଡି ଓ ଗୋରୁ ମାଲିକଙ୍କୁ ଖୋଜା ଚାଲିଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଶିକ୍ଷକଙ୍କୁ ପ୍ରାଣାନ୍ତକ ଆକ୍ରମଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା କେଲୁଅ ନଦୀବନ୍ଧ ରାସ୍ତାର ନୂଆକୂଳ ଗାଁ ନିକଟରେ ଦୁର୍ବୃତଙ୍କ ପ୍ରାଣାନ୍ତକ ଆକ୍ରମଣରେ ଜଣେ ଟ୍ୟୁସନ୍ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି । ଆହତ ଶିକ୍ଷକ ଦେଓଦା ପଞ୍ଚାୟତ ସେରପୁର ଗ୍ରାମର ଅକ୍ଷୟ ଦାଶ (୪୮)ଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପ୍ରକାଶ ଯେ, ନିକଟସ୍ଥ ଗ୍ରାମରେ ଟ୍ୟୁସନ୍ ସାରି ଶ୍ରୀ ଦାଶ ଏକ ସାଇକଲରେ ଘରକୁ ଫେରୁଥିବା ବେଳେ ଏକ ବାଇକ୍‌ରେ ଯାଉଥିବା ୨ଜଣ ଯୁବକ ଏକ ବାଉଁଶ କିଳାରେ ତାଙ୍କ ମୁଣ୍ଡକୁ ହଠାତ୍ ପିଟିଥିଲେ । ଫଳରେ ତାଙ୍କ ମୁଣ୍ଡ ଫାଟିଯିବା ସହିତ ସେ ସାଇକଲରୁ ଖସି ପଡ଼ିଥିଲେ । ନିକଟରେ ଥିବା ଲୋକମାନେ ତାଙ୍କୁ ନେଇ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରିଥିଲେ । ଆକ୍ରମଣ ପଛର କାରଣ ଜଣାପଡ଼ିନାହିଁ । ଅକ୍ରମଣ କରି ଦୁର୍ବୃତଦ୍ୱୟ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଛନ୍ତି ।

# ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଦାବି



ଧର୍ମଶାଳା(ପିଏନ୍): ଧର୍ମଶାଳା ତହସିଲ ବଡ଼କାଏମା ପଞ୍ଚାୟତ ବମ୍ଫୁ ଗାଁ ଛକରେ ଥିବା ଏକ କ୍ୟାବିନ୍ ଗତକାଲି ବିଳମ୍ବିତ ରାତିରେ ଜଳିଯାଇଛି । ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନଥିଲେ ହେଁ, ନିକଟରେ କିଛି ଯୁବକ ଭୋଜି କରିଥିଲେ । ଭୋଜି ସରିବା ପରେ କ୍ୟାବିନ୍ ଜଳୁଥିବା ଦେଖିବାକୁ ମିଳିଥିଲା । ଖବରପାଇ କ୍ୟାବିନ୍ ମାଲିକ ବମ୍ଫୁ ଗ୍ରାମର ଦିଲୀପ ସାମଲ ପହଞ୍ଚି ନିଆଁକୁ ଆୟତ କରିବାପାଇଁ ଚେଷ୍ଟା କରିଥିଲେ ହେଁ, ସେତେବେଳକୁ କ୍ୟାବିନ୍ ସଂପୂର୍ଣ୍ଣ ଜଳିଯାଇଥିଲା । ଏଥିରେ ଥିବା ଦୁଇଟି ସିଲେଇ ମେସିନ୍, ସୋ କେଶ୍, ନୂଆ ପ୍ୟାଣ୍ଟ୍‌ସାର୍ଟ କପଡ଼ା, ସିଲେଇ ହୋଇଥିବା ପ୍ୟାଣ୍ଟ୍‌ସାର୍ଟ ଆଦି ବିଭିନ୍ନ ସିଲେଇ ସାମଗ୍ରୀ ଜଳିଯାଇଛି । ଏସବୁର ମୂଲ୍ୟ ୬୦ହଜାରରୁ ଅଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏ ସଂପର୍କରେ ଶ୍ରୀ ସାମଲ ଧର୍ମଶାଳା ତହସିଲ, ଥାନା ଓ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି । ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡ ସଂପର୍କରେ ଅନୁଧ୍ୟାନ କରି ଫେରିଛନ୍ତି । ଦିଲୀପ ସିଲେଇ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ।




# ସଚ୍ଚା ଦେଶପ୍ରେମୀ



**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ଗାଁ କୁ ଛୁଟି କଟେଇବାକୁ ଆସିଥିବା ସଂଗ୍ରାମ ର ଆଜି ଛୁଟି ସରିଯାଉଛି । ସେନାବାହିନୀ ରେ ଯୋଗଦେବା ପରେ ଏଇଟା ତାର ପ୍ରଥମ ଛୁଟି । ଭାଗ୍ୟକୁ ଦୁଇ ଦୁଇଟି ଲଢେଇ ରେ ଶତ୍ରୁ ସହିତ ସଂଘର୍ଷ ତା ଭାଗ୍ୟରେ ଜୁଟିଥିଲା କ୍ଷ ଯୁଦ୍ଧ ଉପରାନ୍ତେ କିଛି ଦିନର ବିରତି ନେଇ ସେ ବାପାମାଆ ଙ୍କୁ ଦେଖା କରିବାକୁ ଆସିଥିଲା । ଆଜି ପୁନର୍ବାର କାମରେ ଯୋଗ ଦେବାର ଉତ୍ସାହ ଓ ସତେଜତା ତା ମୁଖ ମଣ୍ଡଳରେ ସ୍ପଷ୍ଟ । ନିଜ ୟୁନିଫର୍ମ ରେ କାନ୍ଧପକା ଗୋଟିଏ ବ୍ୟାଗ ସହିତ ବସଷ୍ଟାଣ୍ଡ ରେ ବସ ପାଇଁ ସେ ଅପେକ୍ଷାରତ । ଆଖପାଖରେ ଯିଏ ତାକୁ ଦେଖୁଥାଏ, ମୁହଁରେ ତାର ଧାରେ ହସ ଉକୁଟି ଆସୁଥାଏ । ସତେକି ଭାରତ ମାତାର ସୁରକ୍ଷା ପାଇଁ ନିଜ ଜୀବନର ବାଜି ଲଗେଇ ପାରୁଥିବା ବୀର ଯବାନ ମାନଙ୍କ ପ୍ରତି ସେମାନଙ୍କର ଏହା ସମ୍ମାନ ଜଣେଇବାର ଏକ ପ୍ରୟାସ ମାତ୍ର ! ଖରା, ବର୍ଷା, ଶୀତ,କାକର, ମୃତ୍ୟୁଭୟ ସବୁ କୁ ତିଳେ ହେଲେ ଖାତିର ନ କରି ରାତିଦିନ ଏମାନେ ସୀମାନ୍ତକୁ ବାହ୍ୟ ଶତ୍ରୁ ଆକ୍ରମଣ ରୁ ଜଗିଛନ୍ତି । ସେଥିପାଇଁ ଏମାନଙ୍କର ଯେତେ ବି ପ୍ରଶଂସା କଲେ କମ ହବ । ଅନେକ ବେଳୁ ୧୫ - ୧୬ ବର୍ଷର ପିଲାଟିଏ ବସଯାତ୍ରା କରିବା ପାଇଁ ସେଇଠି ଅପେକ୍ଷା କରିଥାଏ । ସଂଗ୍ରାମ କୁ ତା ଫୌଜୀ ପୋଷାକ ରୁ ଚିହ୍ନି ପାରି କଥା ହେବା ପାଇଁ ପ୍ରବଳ ଇଛା ଥିଲେ ବି ସାହସ କୁଳଉ ନ ଥାଏ କ୍ଷ ମଝି ମଝିରେ ସଂଗ୍ରାମ ସହିତ ଆଖି ମିଶିଗଲେ, ମୁହଁ ତଳକୁ କରି କିଛି ନ ହେଲା ପରି ଦେଖାଇବାକୁ ଚେଷ୍ଟା କରୁ ଥାଏ । କିନ୍ତୁ ସଂଗ୍ରାମ ଜାଣି ପାରିଲା ତା କୌତୁହଳ । ପାଖକୁ ଯାଇ ତା ମୁଣ୍ଡରେ ହାତ ଆଉଁସି ଦେଲାରୁ, ପିଲାଟି ଟିକେ ସାହସ ପାଇଲା । କ୍ଷଣେ ମାତ୍ରେ ତା ମୁହଁକୁ ଚାହିଁ ଦେଇ ତା ଦୃଷ୍ଟି ନିବିଦ୍ଧ କଲା ତାର ଫୌଜୀ ପୋଷାକ ଏବଂ ମୁଣ୍ଡରେ ଥିବା ଟୋପି ଉପରେ । ୟୁନିଫର୍ମ ପ୍ରତି ପିଲା ଟିର ଆକର୍ଷଣ କୁ ଅନୁଭବ କରି ସେ ପଚାରିଲା, ' ତୁମକୁ ଭଲ ଲାଗେ ଏଇ ପୋଷାକ ? ' ପିଲାଟି ତୁରନ୍ତ କହିଲା, ' ଭାଇ ତୁମେ ନିଜ ଆତ୍ମୀସ୍ୱଜନଙ୍କ ଠାରୁ ଦୂରରେ ରହି ନିଜ ଜୀବନକୁ ବାଜି ଲଗେଇ ଦିନ ନାହିଁ ରାତି ନାହିଁ ଆମ ସୁରକ୍ଷା ପାଇଁ ସୀମାରେ ଶତ୍ରୁଙ୍କ ସହିତ ଲଢୁଛ । ତୁମର ଉତ୍ସର୍ଗୀକୃତ ଲୁହ, ଲହୁ, ସ୍ୱେଦର ଧାର ବଦଳରେ ଆମେ ଶାନ୍ତିରେ ନିଶ୍ୱାସ ନେବା ସମ୍ଭବ ହେଉଛି । ରକ୍ଷକ ସାଜି ଦେଶର ପ୍ରତିଷ୍ଠା ଏବଂ ଶାନ୍ତି କୁ ତୁମେମାନେ ବଜାୟ ରଖିଛ କ୍ଷ ତୁମ ଦେଶପ୍ରେମର ପଟାନ୍ତର ନାହିଁ କ୍ଷ ମୁଁ ମଧ୍ୟ ଦେଶ ପାଇଁ କିଛି କରିବାର ସୁଯୋଗ ପାଇଲେ ଧନ୍ୟ ହୁଅନ୍ତି । ' ସଂଗ୍ରାମ ଛୋଟ ଭାଇକୁ ବୁଝେଇଲା ଭଳି, ପିଲାଟିର କିଶୋର କାନ୍ଧ ଉପରେ ହାତ ଦେଇ କହିଲା,' ବେଶ ଭଲ କଥା । ଯେ ତ ଆମ ଦେଶ ପାଇଁ ଗର୍ବ ଓ ଗୌରବ ର ବିଷୟ । ହେଲେ ତା ପାଇଁ ଏବେ ତୁମେ ପ୍ରସ୍ତୁତ ନୁହଁ ।ପ୍ରଥମେ ଜଣେ ସୁନାଗରିକ ହୁଅ, ତା ପରେ ଜଣେ ସିପାହୀ ହେବା ଆହୁରି ସରଳ ହେଇଯିବ । ଦେଶ ପାଇଁ କିଛି କରିବାକୁ ହେଲେ ଜୀବନକୁ ବାଜି ଲଗେଇ କେବଳ ସିପାହୀ ହେବା ଯେ ଜରୁରୀ, ତା ନୁହେଁ ବରଂ ତୁମେସବୁ ଘରେ ରହି ମଧ୍ୟ ଦେଶପ୍ରେମର ଉତ୍କୃଷ୍ଟ ନିଦର୍ଶନ ଦେଇପାରିବ ! ' ବିସ୍ମୟ ଏବଂ ଖୁସି ରେ ପିଲାଟିର ଆଖିର ଓଜ୍ଜଲ୍ୟ କେଇଗୁଣା ବଢିଗଲା କ୍ଷ ସେ ଉତ୍ସୁକତା ବଶତଃ ସଂଗ୍ରାମ ମୁହଁକୁ ଚାହିଁ ରହିଲା । ' ମୁଁ ମୋ ଦେଶକୁ ସତରେ ବହୁତ ଭଲ ପାଏ ଏବଂ ଏହାର ପ୍ରଗତି ଏବଂ ସୁରକ୍ଷା ପାଇଁ ଯାହା ସମ୍ଭବ କରିବାକୁ ଇଚ୍ଛୁକ । ମୋତେ କଣ କରିବାକୁ ହେବ ?' ସଂଗ୍ରାମ ନିରୀହ ପିଲାଟିର ଅମାୟିକ ବ୍ୟବହାର ଓ ବାଲ୍ୟ ସୁଲଭ ପ୍ରଶ୍ନ ଶୁଣି ଉତ୍ତର ଦେଲା, ' ଆମେ ପରସ୍ପର ଭିତରେ ଭଲ ବୁଝାମଣା ରଖିବାକୁ ଚେଷ୍ଟା କରିବା । ସାମ୍ପ୍ରଦାୟିକ ହିଂସା, କଳହ ସୃଷ୍ଟି ନ କରି ଏକତ୍ର ହେବାକୁ ଚେଷ୍ଟା କରିବା । ଆଉ ହଁ, ବିଦେଶୀ ଜିନିଷ ବଦଳରେ ସ୍ୱଦେଶୀ ବସ୍ତୁର ଅଧିକ ରୁ ଅଧିକ ବ୍ୟବହାର, ଆମ ଦେଶରେ ବାହ୍ୟଶତ୍ରୁଙ୍କ ପ୍ରବେଶ କୁ ରୋକିବା ସହିତ ତାଙ୍କ ଆକ୍ରମଣ ରୁ ମଧ ରକ୍ଷା କରିବ କ୍ଷ ଫଳରେ ଆମ ଅର୍ଥନୈତିକ ଅବସ୍ଥାରେ ମଧ ସୁଧାର ଆସି ପାରିବ ।

ସୈନିକ ମାନେ ତାଙ୍କର ବହୁମୂଲ୍ୟ ଜୀବନ ଓ ସମୟ କୁ ତ୍ୟାଗ କରି ଦେଶକୁ ସୁରକ୍ଷା ଦେଉଥିବା ବେଳେ ଦେଶର ଅନ୍ତେବାସୀ ମଧ ଦେଶର ଶାନ୍ତି ଏବଂ ସମୃଦ୍ଧି ପାଇଁ ପ୍ରଚେଷ୍ଟା ଜାରି ରଖିବା, ଜଣେ ସଚ୍ଚା ଦେଶପ୍ରେମୀ ର ଦାୟିତ୍ୱ ଓ କର୍ତ୍ତବ୍ୟ କ୍ଷ ପ୍ରତି ଟି ନାଗରିକ ସେତିକି ସମ୍ବେଦନଶୀଳ ହୁଅନ୍ତୁ, ବର୍ତ୍ତମାନ ପରିସ୍ଥିତିରେ ଏହାହିଁ ପ୍ରକୃତ ଦେଶପ୍ରେମ । ସଂଗ୍ରାମ ଭାଇ ର ମୁଖ ନିଃସୃତ ପ୍ରତି କଥା ପିଲାଟି ମନରେ ଗଭୀର ଭାବାନ୍ତର ସୃଷ୍ଟି କଲା । ଦେଶପ୍ରେମ ର ଏକ ନିଆରା ଦିଗ ତା ଆଗରେ ଆଜି ଉନ୍ମୋଚିତ ହୋଇଛି । ସଂଗ୍ରାମ ଭଳି ଦେଶର ସବୁ ଯବାନ ମାନଙ୍କ ପାଇଁ ତା ମନ ଆଜି ଗର୍ବରେ କୁଣ୍ଢେମୋଟ ହେଇଯାଉଥାଏ । ସଚ୍ଚା ଦେଶପ୍ରେମ ର ଧାର ଟିଏ ତା ମନକୁ ପ୍ଲାବିତ କରିଛି । ସେହି ପ୍ଲାବନରେ ସିକ୍ତ ହୋଇ ଗର୍ବ ର ସହିତ ହସ ହସ ମୁହଁରେ ସେ ସଂଗ୍ରାମ କୁ ସଲାମ୍ କଲା ।

*ଫୋନ - ୬୩୭୦୫୧୬୪୭୮*
*ମହାରଣା ସାହି, ବିବେକାନନ୍ଦ ମାର୍ଗ*

# ଅମଣିଷ



**ବିପ୍ଲବ**

ସେ ଘରେ ବୃଦ୍ଧ ଦମ୍ପତି ରୁହନ୍ତି, ଏ କଥା କଲୋନୀର ସମସ୍ତେ ଜାଣନ୍ତି ନାହିଁ। ଗେଟ୍ ଭିତରେ ପଡୁଥିବା ଖବର କାଗଜ ସେମାନଙ୍କ ଉପସ୍ଥିତିର ଏକମାତ୍ର ପ୍ରମାଣ। ସପ୍ତାହକୁ ଥରେ କି ଦୁଇଥର କେବଳ ବୃଦ୍ଧଜଣଙ୍କ ଗେଟ୍ ପାଖକୁ ଆସନ୍ତି ଆଉ ଖବର କାଗଜ ଗୁଡିକ ଗୋଟେଇ କରି ଭିତରକୁ ଚାଲି ଯାଆନ୍ତି। ପଢ଼ନ୍ତି କି ନାଇଁ କେଜାଣି କେବଳ ତାଙ୍କୁ ଜଣା।

ଦିନେ କଥା ଛଳରେ ବୃଦ୍ଧ ଜଣଙ୍କ ହକରକୁ ପାଖକୁ ଡାକି କହିଲେ -' ପୁଅ, ଆଖି ଆଉ ସକ୍ଷମ ହେଉନି ଏତେ ଛୋଟ ଛୋଟ ଅକ୍ଷରକୁ ନିରେଖି ଦେଖିବାକୁ। '

ହକର ଜଣଙ୍କ ସମ୍ଭବତଃ ବହୁତ କଷ୍ଟ ଅନୁଭବ କଲା। ବଡ଼ କଷ୍ଟରେ କେବଳ 'ହଉ ବାବୁ' କହି ଚାଲିଗଲା।

ତା ପର ଦିନ ଘଟଣା। ବୃଦ୍ଧ ଜଣଙ୍କ ହକର ଆସିବାର ନିର୍ଦ୍ଧାରିତ ସମୟ ପୂର୍ବରୁ ଗେଟ୍ ପାଖ ସିମେଣ୍ଟ ବେଞ୍ଚ ଉପରେ ପ୍ରତୀକ୍ଷା ମୁଦ୍ରାରେ ଥିଲେ। ହକର ଆସୁ ଆସୁ ତାକୁ ଡାକି ପାଖରେ ବସେଇଲେ। ଦୁହେଁ ବହୁତ ସମୟ ଦୁଃଖ ସୁଖ ହେଲେ।

ବୃଦ୍ଧ ଜଣଙ୍କ ଶେଷକୁ କହିଲେ - ' ଜାଣିଛୁ ପୁଅ, ମୁଁ ପାଞ୍ଚ ବର୍ଷ ଆଗରୁ ଖବର କାଗଜ ପଢ଼ିବା ବନ୍ଦ କରି ଦେଇଛି ଡାକ୍ତରଙ୍କ ପରାମର୍ଶରେ ।

ହକର ଜଣକ ଆଶ୍ଚର୍ଯ୍ୟ ହୋଇଗଲା।

- ତେବେ ?

- ଏ ମୋବାଇଲ ଇଣ୍ଟରନେଟ ଯୁଗରେ ଖବର କାଗଜ ବିକିବା ପାଇଁ ଲୋକଟିଏ ପାଇବା ଏତେ ସହଜ ନୁହେଁ। ତୋ ଅଭାବୀ ସଂସାର ପାଇଁ ଏଇତକ ରୋଜଗାର କ'ଣ ଅଂଟଉଥିବ ! ମୋର ଯଥେଷ୍ଟ ପଇସା ଅଛି। ହେଲେ ମୁଁ ଜାଣିଚି ତୁ ଭାରି ସ୍ୱାଭିମାନୀ। ଗୋଟେ ଗୋଟେ ମାସରେ ଦୁଇ ଟଙ୍କା କି ତିନି ଟଙ୍କା ବି ଅମଙ୍ଗ ହେଉ ଅଧିକା ଥିଲେ । ତୁ ସ୍ୱାଭିମାନର ସହ ସାରା ଜୀବନ ବଞ୍ଚ ମୋର ଇଚ୍ଛା। ଖବର କାଗଜ ପକେଇବା ସେଇଦିନ ବନ୍ଦ ହେବ ଯେବେ ଦୁହିଁଙ୍କ ଭିତରୁ କିଏ ସଂସାର ଛାଡିବ।

ହକର ଜଣଙ୍କ ସେଦିନ ବହୁତ କାନ୍ଦିଲା। ଖୁସିରେ ନା ଦୁଃଖରେ କେଜାଣି !

ତିନି ଚାରିଦିନ ପର ଘଟଣା। ପୋଷ୍ଟ ପିଅନ ଜଣେ ଗେଟ୍ ପାଖରେ ଠିଆହୋଇ ବେଲ୍ ବଜେଇଲା । ଦୁଇ ତିନି ଥର ବଜାଇବା ପରେ କେହି କବାଟ ଖୋଲିଲେ ନାହିଁ। ପଡିଶା ଘର ଦାସ ବାବୁ ସାନ୍ଧ୍ୟ ଭ୍ରମଣରେ ବାହାରିଥିଲେ। ପୋଷ୍ଟ ପିଅନ ତାଙ୍କୁ ଅଟକେଇ ପଚାରିଲା - ସାର୍ , ଏଇଟା ସିଦ୍ଧାନ୍ତ ଶେଖର ରାୟଙ୍କ ଘର ତ ?

- ହଁ

- କିନ୍ତୁ ଲାଗୁଛି ଘରେ କେହି ରହୁ ନାହାନ୍ତି। ଦେଖୁ ନାହାଁନ୍ତି ପେପର ସବୁ ଗେଟ୍ ପାଖରେ ଗଦା ହୋଇଛି ? ମୁଁ ଅନେକ ବେଳୁ କଲିଂ ବେଲ ମାରିଲିଣି ।କେହି ଖୋଲୁ ନାହାନ୍ତି।

ଦାସ ବାବୁ କହିଲେ - ସେ ଘରେ କେବଳ ଦୁଇଜଣ ରୁହନ୍ତି। ସିଦ୍ଧାନ୍ତ ଶେଖର ରାୟ ଆଉ ତାଙ୍କ ଅର୍ଦ୍ଧାଙ୍ଗିନୀ ପତ୍ନୀ। ଦୁହେଁ ସିନିୟର ସିଟିଜେନ। ପୁଅ ତିନି ଜଣ। ଉଚ୍ଚ ଶିକ୍ଷିତ ଆଉ ବିଦେଶରେ ପ୍ରତିଷ୍ଠିତ। ବୟସାଧିକ କାରଣରୁ ମିଷ୍ଟର ରାୟଙ୍କୁ ଅଳ୍ପ ଶୁଭେ। ଆଚ୍ଛା ପୋଷ୍ଟଲରେ କିଛି ଆସିଥିଲା ବୋଧେ ?

- ପଲିସି ବଣ୍ଡ୍ ଆସିଥିଲା ସାର୍। ନହେଲେ ପଛରେ ଆସିବି।

ପୋଷ୍ଟ ପିଅନ ଫେରିଗଲା। ଦାସ ବାବୁ ତାଙ୍କ ଭ୍ରମଣରେ ଚାଲିଗଲେ।

ପରଦିନ ଘଟଣା। ହକର ଖବର କାଗଜ ପକେଇ ଚାଲି ଯାଉଥିଲା। ଦାସ ବାବୁ ତାକୁ ଅଟକେଇଲେ।

- ତମେ ରାୟ ବାବୁଙ୍କ ସହ ଶେଷ ଥର କେବେ କଥା ହେଇଥିଲ ?

ହକରଟି ଆଶ୍ଚର୍ଯ୍ୟ ହେଇଗଲା ଏମିତି ପ୍ରଶ୍ନରେ।

- ସାର୍ କିଛି ଅସୁବିଧା ହେଇଛି କି ?

- ଆରେ ନା ନା। କାଲି ପୋଷ୍ଟ ପିଅନ ଆସିଥିଲା। କଲିଂ ବେଲ ମାରି ମାରି ଫେରିଗଲା ସେ।

- ସେଇ ଗୋଟିଏ ଦିନ ରବିବାର,ସପ୍ତାହକୁ ଥରେ ତାଙ୍କ ସହିତ ମୋର ଭେଟ ହୁଏ। ସେଦିନ ସେ ବାହାରକୁ ଆସିଥାନ୍ତି। ପ୍ରଥମେ ପ୍ରଥମେ ମୋତେ ବାଧ କରି ଅଟକୋଉଥିଲେ। ଏବେ ଏଇଟା ମୋର କର୍ତ୍ତବ୍ୟ ଭାବି ମୁଁ ବସେ ତାଙ୍କ ସହିତ। ମନ ଦେଇ ତାଙ୍କ କଥା ଶୁଣେ।

- ମୁଁ ତାଙ୍କ ସହିତ ତମକୁ ଅନେକ ଥର ଦେଖିଚି ବୋଲି ଆଜି ପଚାରି ଦେଲି।

- କେବେ କେମିତି ମଝିରେ ଦିନେ ଆସି ପେପର ଉଠେଇ ନିଅନ୍ତି।

- ଏବେ ଦେଖ ତ । କେତେ ଦିନର ପେପର ପଡିଛି ?

ଗେଟ୍ ଭିତରକୁ ହକର ଜଣଙ୍କ ଚାହିଁଲା।

- କାଲି ତ ରବିବାର ହେବ। ବୋଧ ହୁଏ ସେଇ ରବିବାର ପର ଠୁଁ ନିଆ ହେଇନି।

- ତାଙ୍କ ନମ୍ବର ରଖିଚ ?

- ଆଜ୍ଞା ସାର୍

- କଲ୍ କର ।

ହକର ଜଣଙ୍କ କଲ୍ କରିଲା। ତିନି ଚାରି ଥର ରିଂ ହେଲା। ସେପଟୁ ଉତ୍ତର ଆସିଲାନି। ?

ହକର ଆଉ ଦାସ ବାବୁ ପରସ୍ପର ମୁହଁକୁ ଚାହିଁଲେ।

- ବାବୁରେ ଆଉ ଥରେ ଟ୍ରାଏ କର।

ଦାସ ବାବୁ କହିଲେ।

ହକର ପୁଣି ଫୋନ୍ କରିଲା। ଗୋଟିଏ ଥର ରିଂ ହେଇ ଅଫ୍ ହେଇଗଲା ବୋଧେ !

ହକର ଆତଙ୍କିତ ହେଇ ଗଲା।

ଦାସ ବାବୁ ଆଶ୍ୱାସନା ଦେଲେ।

- ବ୍ୟସ୍ତ ହୁଅନି। ମୁଁ ପୋଲିସ୍ କୁ ଫୋନ୍ କରୁଛି।

ଅଧ ଘଂଟାଏ ଭିତରେ ପୋଲିସ୍ ଗାଡି ଆସି ପହଞ୍ଚି ଗଲା। ଡ୍ରାଇଭରକୁ ମିଶେଇ ମୋଟ ଛ' ଜଣ। ସାଥିରେ ଜଣେ ମହିଳା କନେଷ୍ଟବଳ ବି ଥିଲେ।

ମୁଖ୍ୟ ଫାଟକ ଦେଇ ଭିତରକୁ ପଶିବା କାଠିକର ପାଠ। କାରଣ କବାଟ ସହିତ ଷ୍ଟିଲ୍ ର ଶକ୍ତ ଗ୍ରୀଲ୍ ବି ଲାଗିଥିଲା।

ପାଚେରୀ ଡେଇଁ ଦୁଇଜଣ ପୋଲିସ୍ ହତା ଭିତରକୁ ପଶିଲେ। ଝରକା ଖୋଲା ଥିଲା। ? ମାତ୍ର ଝରକା ପାଖରୁ ଭିତରର ଦୃଶ୍ୟ ଦେଖିବା ଏତେ ସହଜ ନୁହେଁ। ମେକାନିକ୍ ଡାକି ଗ୍ୟାସ୍ କଟର ଦ୍ୱାରା ଗ୍ରୀଲ୍ କାଟିବାକୁ ହେବ।

ଅଭିଯାନର ମୁଖ୍ୟ ସାମଲ ବାବୁ ଜାଣି ସାରିଥିଲେ ଯେ ବୃଦ୍ଧ ଦମ୍ପତ୍ତିଙ୍କ ବିଷୟରେ ଯଦି କେହି ଜାଣେ ସେ ହେଉଛି ଏଇ ହକର।

- ଆଚ୍ଛା, ତୁ ସେ ଘର ଭିତରକୁ କେବେ ଯାଇଚୁ ? ସାମଲ ବାବୁ ପ୍ରଶ୍ନ କଲେ।

- ନାଇଁ ସାର୍

- ଠିକ୍ ଅଛି। ଶୁଣୁ ଭିତରୁ କିଛି ଡିଟେଲସ ନ ଆସିବା ଯାଏଁ ଏଠୁ ତତେ ହଲିବା ମନା। ଆଚ୍ଛା ଏ ଦୁଇଜଣଙ୍କ ସହ ଆଉ କିଏ ରହୁଥିଲେ ନା ସେମାନେ ନିଃସନ୍ତାନ ଥିଲେ ?

- ନା ସାର୍। ତାଙ୍କର ତିନୋଟି ପୁଅ।

- ଆଶ୍ଚର୍ଯ୍ୟ.. ତିନୋଟି ପୁଅ ?କିନ୍ତୁ ଏମାନେ ଏଠି ଏକୁଟିଆ ରହିବାର କାରଣ କଣ ?

- ସେମାନେ ସବୁ ବିଦେଶରେ ରହୁଛନ୍ତି। କୋଉ ଦେଶ କେଜାଣି ? ମୋତେ ନାଁ କହିଥିଲେ। ମୁଁ ମନେ ପକାଇ ପାରୁନି। କିନ୍ତୁ ଦୁଇଜଣ ଡାକ୍ତର। ଜଣେ ସଫ୍ଟୱେୟାର ଇଂଜିନିୟର। ବହୁତ ବଡ ଲୋକ। ସାର୍ ବି ରିଟାୟାର୍ଡ ଆର୍ମୀ ଅଫିସର୍।

ମାଡାମ୍ ଙ୍କୁ ବହୁତ ଭଲ ପାଉଥିଲେ ସାର୍। ସେଥିପାଇଁ ଏଇ ସହରରେ ରହିଗଲେ। ? ନହେଲେ ଗାଁ ତାଙ୍କର ବହୁତ ପ୍ରିୟ। ? ମାଡାମ୍ କୁଆଡେ କହିଲେ -ପିଲାମାନେ ଏତେ ପାଠ ପଢିଲେ। ଏତେ ବଡ଼ ଚାକିରୀ କଲେ। ବାହା ତୋଳା ହେଇ ସେମାନେ କଣ ଗାଁ ରେ ରହିବାକୁ ପସନ୍ଦ କରିବେ ! ସେଥିପାଇଁ ଭୁବନେଶ୍ୱରରେ ଜାଗା ଖଣ୍ଡିଏ କିଣି ଏଠି ଘର କଲେ। ତିନି ପୁଅଙ୍କ ପାଇଁ ଅଲଗା ଡ୍ରଇଂ ରୁମ୍, ଲାଟ୍ରିନ୍, ବାଥ୍ ରୁମ୍, ବେଡ୍ ରୁମ୍,କିଚେନ୍। ମଝିରେ ବିରାଟ ଅଗଣା। ତିନି ପୁଅଙ୍କ ପିଲାମାନେ ଖେଳିଲା ପାଇଁ। ଯେତେ ସୁନ୍ଦର ସ୍ୱପ୍ନ ସେମାନଙ୍କର ! ହେଲେ ଏ ସବୁ କେବଳ ଶୁଣିଛି। କେବେ ଦେଖିନି।

ମାଡାମ୍ ବହୁତ ଭଲ। ବାହାର ଦୁନିଆଁ ବୁଲିବାକୁ ତାଙ୍କର ବହୁତ ଇଚ୍ଛା। ମାତ୍ର କିଛି ବର୍ଷ ପୂର୍ବେ ? ସିଭିଅର ଡାଇବେଟିସ୍ ପାଇଁ ତାଙ୍କ ଆଖି ଦୁଇଟି ନଷ୍ଟ ହେଇ ଯାଇଚି।

ସାମଲ ବାବୁ ଆଶ୍ଚର୍ଯ୍ୟ ହେଲେ।

- ତାଙ୍କ ପୁଅ ଡାକ୍ତର ପା।

- ସେମାନେ ଅନେକ ବର୍ଷ ହେଲା ଏଠିକି ଆସି ନାହାନ୍ତି। ବହୁତ ୱାର୍କ ଲୋଡ଼ରେ ରହୁଛନ୍ତି। ବେଳେ ବେଳେ ଫୁରୁସତ ପାଇଲେ ଭିଡିଓ କଲ୍ କରୁଛନ୍ତି। ?ପିଲା ମାନଙ୍କୁ ଦେଖି ନ ପାରିବାରୁ ମାଡାମ୍ ବହୁତ ମନ କଷ୍ଟ କରନ୍ତି। କେବଳ ତାଙ୍କ ପାଟି ଶୁଣି ଖୁସି ହୁଅନ୍ତି। ସେମାନେ ସବୁ ବିଦେଶରେ ଥିଲେ ବି ବାପ ମା ଙ୍କର ଯତ୍ନ ନେବାକୁ ଭୁଲି ନାହାନ୍ତି। ଜଣେ ଡାକ୍ତର ନିଯୁକ୍ତି କରିଛନ୍ତି ଯିଏ ଆସି ମାସକୁ ଥରେ ତାଙ୍କର ଚେକପ୍ କରି ଯା'ନ୍ତି। ସାର୍ ବି ସେଠୁ ଅନଲାଇନ୍ ରେ ବିଲ୍ ଦିଅନ୍ତି।

ଜାଣିଛନ୍ତି। ସାର୍। ଏ ବର୍ଷ ସବୁ ପିଲାମାନେ ଆସିବେ ବୋଲି ଇଏ ବହୁତ ଖୁସି ଅଛନ୍ତି। ମାଡାମ୍ ବହୁତ ଚାହାଁନ୍ତି ପିଲା ମାନଙ୍କୁ ପାଖରେ। ଦଶହରାକୁ ସେମାନେ ତାଙ୍କ ପୈତୃକ ଗ୍ରାମକୁ ଯିବେ। ଅନେକ ବର୍ଷ ଧରି ଯାଇ ନାହାନ୍ତି ବୋଲି ମନ ଦୁଃଖ କରୁ ଥିଲେ। ..

କଥା ବାର୍ତ୍ତା ମଝିରେ ହେଡ୍ କନେଷ୍ଟବଳ ପାଟି ଶୁଭିଲା ଭିତରୁ।

ହକରକୁ ଜାଗା ଛାଡ଼ି ନ ଯିବାକୁ ତାଗିଦା କରି ଭିତରକୁ ଗଲେ ସାମଲ ବାବୁ।

ଭିତରୁ ପଚା ଗନ୍ଧ ଆସୁଥିଲା।

ଗୋଟିଏ ବିରାଟ ପଲଙ୍କ ଉପରେ ପଡିଥିଲା ସିଦ୍ଧାନ୍ତ ଶେଖର ରାୟଙ୍କ ଗଳିତ ଶବ। ପାଖରେ ମୋବାଇଲ୍ ଫୋନ୍। ଫୋନ୍ ଧରିଲେ ସାମଲ ବାବୁ। ଅଫ୍ ଥିଲା। ପାଖ ପ୍ଲଗ୍ ରେ ଚାର୍ଜର ଝୁଲୁଥିଲା। ଫୋନ୍ ଚାର୍ଜ ରେ ବସେଇଲେ।

ଅଲଗା ରୁମ୍ ରେ ଥିଲେ ପତ୍ନୀ। ମହିଳା କନେଷ୍ଟବଳଜଣଙ୍କ ତାଙ୍କ ହାତକୁ ଛୁଇଁଲେ। ଦେହ ଅସମ୍ଭବ ଭାବରେ ତାତି ଥିଲା।

ସମ୍ଭବତଃ ସେ ଜୀବିତ !

ଆମ୍ବୁଲାନ୍ସ କୁ ଡକା ଗଲା।

ହକରଟି ନେହୁରା ହୋଇ ଭିତରକୁ ପ୍ରବେଶ ଅନୁମତି ପାଇଥିଲା।

- ସାର୍। ପିଲା ମାନଙ୍କୁ ସେ ବହୁତ ଭଲ ପାଉଥିଲେ। ସେମାନେ ଶୁଣିଲେ ଏ ଖବର ଭାଙ୍ଗି ପଡିବେ। ମୁଁ ଅନେକ ଥର ଶୁଣିଚି ସାର୍ ପିଲା ମାନଙ୍କ ସହ କଥା ହେଉଥିବାର କଲ୍ ରେକର୍ଡ଼।

ଶେଷ କଲ୍ କୋଉଠିକୁ ଜାଣିବା ପାଇଁ ପୋଲିସ୍ ବ୍ୟଗ୍ର ହୋଇ ଉଠିଲା। କଲ ରେକର୍ଡ ଆକ୍ଟିଭ୍ ଥିଲା।

ସାମଲ ବାବୁ ମାଇଁ ଫାଇଲକୁ ଯାଇ ଅଡିଓ ଖୋଲିଲେ। ଲାଷ୍ଟ କଲ୍ ରେକର୍ଡ ଉପରେ କ୍ଲିକ୍ କଲେ।

- ସନତ, ଆରେ ତୋ ଝିଅ କାଇଁ ?

- ଡାଡି,ଆପଣ ଏଇ ଟାଇମ୍ ରେ କଲ୍ କରୁଛନ୍ତି ? ମୁଁ କେତେ ପ୍ୟାକ୍ ଭିତରେ ଅଛି ! ତମର ସିନା ସେଠି କିଛି କାମ ନାହିଁ,ଆମର ନିଃଶ୍ୱାସ ନେବାକୁ ଟାଇମ୍ ନାହିଁ, ତମେ ଟାଇମ୍ ପାସ୍ କରୁଚ ?

- ହଉ ବାବା ବ୍ୟସ୍ତ ହ' ନି। ତୋ ମମି ତମକୁ ଦେଖିବାକୁ ପାଗଳ ହେଇ ଯାଉଛି।

- ଡାଡି, ତମେ ପାଗଳ ହେଇ ଗଲଣି । ମମଙ୍କର ଦୁଇଟି ଯାକ ଆଏ ସାଇଟ ପ୍ରବ୍ଲେମ। ମୁଁ କଣ ଜାଣିନି।

- ଆରେ, ଆଖି ପୁରେଇ ନ ଦେଖିଲେ ନାଇଁ ହାତରେ ଧରି ଟିକେ ଅନୁଭବ କରି ଖୁସି ହେବ ତ ? କୋଳେଇ କାଖେଇ ସେଇ ହାତରେ ତମକୁ ମଣିଷ କରିଛି ସେ।

- ଆମେ ଭିଡିଓ କଲ କରୁଛୁ ପା। ତମେ ପିଲାଙ୍କ ପରି ଅଯଥା କଥା କହି ମୋତେ ଡିଷ୍ଟର୍ବ କରୁଛ କାହିଁକି ?

- ହଉ ଶୁଣୁ.. ଏଇ ପଦକ। ଦଶହରା କୁ ଯେମିତି ହେଲେ ଆସିବ ସବୁ। ଗାଁ କୁ ଯିବା। କେତେ ଦିନ ଆଉ ବଂଚିବୁ ଆମେ ?

- ଏତେ ଇମ୍ପୋର୍ଟାଣ୍ଟ ସମୟ ବର୍ବାଦ କରି ଗାଁ ର ସେଇ ମେଢ଼ ଦେଖିବୁ ଆମେ ? ଏବେ ଯିବୁ ପୁଣି ସେବେ ଯିବୁ ?

- ସେବେ ?

- ମମଙ୍କର କୋଭିଡ ପଜିଟିଭ୍ ବାହାରିଛି ବୋଲି ଡକ୍ଟର ଧୀରେନ୍ଦ୍ର କହୁଥିଲେ। ହାୟର ଏଜ୍ ରେ ପଜିଟିଭ୍ ରେଜଲ୍ଟ ଆସେନି। ଏଇଟା ଲାଷ୍ଟ ଟାଇମ୍ ମମଙ୍କ ପାଇଁ। ଶବ ସଂସ୍କାର କାମକୁ ନଗଲେ ନାଇଁ ତାଙ୍କ ଶୁଦ୍ଧି କାମକୁ ପୁଣି ନଗଲେ ତମ ମନ ଦୁଃଖ ହେବ କି ନାଇଁ ! ...

ସାମଲ ବାବୁ ସହିତ ଉପସ୍ଥିତ ସମସ୍ତ ଲୋକ ଏ ଅଡିଓ ରେକର୍ଡ ଶୁଣି ଆଖି ଛଳ ଛଳ ହେଇଗଲା।

-' ତେବେ ରାୟ ବାବୁ ମରି ନାହାନ୍ତି। ତାଙ୍କ ପୁଅ ତାଙ୍କୁ ମାରି ଦେଇଛି। ' ସାମଲ ବାବୁ କହିଲେ।

ହକର କାନ୍ଦୁଣୁ ବାନ୍ଦୁଣୁ ହେଇଗଲା।

- ସାର୍ ଯେଉଁ ମାନଙ୍କୁ ଉଚ୍ଚ ଶିକ୍ଷିତ କରିଥିଲେ ଆଉ ଶିକ୍ଷିତ ଭାବୁଥିଲେ ସେମାନେ ପ୍ରକୃତରେ ଅମଣିଷ ଥିଲେ।

ଡେଡ୍ ବଡି ନେବାପାଇଁ ବାହାରେ ଆମ୍ବୁଲାନ୍ସ ଠିଆ ହୋଇ ସାରିଥିଲା। ରହି ରହି ଶୁଭୁଥିଲା ତା'ର ସାଇରନ୍।

*ମକୁନ୍ଦ ପୁର, ବାଙ୍କୀ*
*ମୋ : ୯୪୩୭୪୬୮୦୧୬*

## ହେ ଜୀବନ... !

*ଆଦ୍ୟାଶା ମହାପାତ୍ର*



ମୁଁ ତୁମ ସହ ରହିବାକୁ ପ୍ରସ୍ତୁତ
ବାକି ପଡିଥିବା ସବୁଦିନ
ଅଥଚ...
ତୁମେ ମୋତେ ଛାଡି ଯିବାକୁ ଉଦ୍ୟତ
ମୋ ନେହୁରା ସବୁ ମୂଲ୍ୟହୀନ
ତୁମେ ତ ପଣ କରିଛ ଯେମିତି
ମୋ କଥା ଶୁଣିବନି
ମୋ ଦୁଃଖ ବୁଝିବନି
ମୋ ଇଚ୍ଛାକୁ ପୁରା କରିବନି
ହେଲେ ମୁଁ ଏତେ ନିଲଠା ଯେ
ତୁମ ସ୍ନେହ ଚାହୁଁଥିବି
ତୁମ ସାନିଧ୍ୟରେ ଜିଉଥିବି
ଯେତେ ସବୁ ଅଭିମାନ ଛାଡି
ତୁମକୁ ହିଁ ନିଜର ଭାବିବି
କେତେ ଥର ଚେଷ୍ଟା କରିଛି
ମୋହ ତୁଟେଇ ଚାଲିଯିବି ବୋଲି
ସେତିକି ବେଳକୁ
ତୁମେ ହିଁ ତ ମନେପଡ ବେଶି,
ମେଞ୍ଚା ମେଞ୍ଚା ସ୍ମୃତି
ଯେତେ ଅନୁଭୂତି
ମନେପଡେ କେଉଁ ବିଶେଷ କ୍ଷଣର
ତୁମ ସହ ବାଣ୍ଟିଥିବା ଅଫୁରନ୍ତ ଖୁସି
ହେ ଜୀବନ... !
ମୋତେ ଯେମିତି ରଖୁଛ ରଖ
ଯେତେ ପାରୁଛ ପରଖ
ତୁମ ସର୍ତ୍ତ ସବୁ ମାନିନେବି
ମୋ ସହିତ କିଛି ଦିନ ରୁହ,
କେତେଜଣ ଆପଣାର ଲୋକ
ସେମାନଙ୍କ ଦୁଃଖ ଅବା ସୁଖ
ମୋ ସହିତ ବନ୍ଧା ଏବେ
କେମିତି ମୁଁ ତୁଟାଇବି କୁହ... ? ? ?

*ନୂଆପଡା , କଟକ*

## ଦିବ୍ୟ ବନ୍ଧନୀ

*ସଂଜୀବ କୁମାର ଦାଶ*



ବିମଳ ସକାଳ ଏ, ସଦ୍ୟ ଶୁଭଲଗ୍ନ,
ଶେଫାଳୀ ଭରିଛି ପ୍ରାଚୁର୍ଯ୍ୟ,
ସୁନେଲି ଖରାରେ ଟହଟହ ରକ୍ତଜବା,
ଗହଳ ବାସଙ୍ଗ ଔଜଲ୍ୟ,
କେଉଁ ପହର ରୁ ଚାମର ?ାଲୁଛି,
ଉଲ୍ଲସିତ ଶ୍ୱେତ କାଶବନ,
କାନନ କୁଞ୍ଜରେ ସଜଶୃଙ୍ଗାର,
ଛାଇଛି ,ରଜାତିକ୍ରାନ୍ତ ମୋହିନୀ
ସୌନ୍ଦର୍ଯ୍ୟ,
ଆଦିମାତା ରଚିଛନ୍ତି ଧରାବୁକେ,
ଏ କି କନକୋଜ୍ଜ୍ୱଳ ବଳୟ ! ! !

ସୁଦୂରେ ସାଇତିଛି
ସେ ଚଞ୍ଚଳା ନୀଳକଇଁ,
ତା'ପ୍ରିୟାତୁର ଚନ୍ଦ୍ର ସମ୍ଭାଷଣ ,
ଆରାଧନାର ଯେ ଯେ ମନ୍ତ୍ରସ୍ନିଗଧ
ମୁହୂର୍ତ୍ତ,
ବିଭୋର ଭେରୀ ତୂରୀ, ଘଣ୍ଟବାଦ୍ୟ
ଶଙ୍ଖ,
ଅଗୁରୁ ସିନ୍ଦୁର ଚନ୍ଦନ ସୁଗନ୍ଧ,
ମାଆ ଆସିଛନ୍ତି ପରା,
ରଚିବାକୁ ପୁନିତ ପାର୍ବଣ ! ! ! ! !

ସମର୍ପଣ ର ପିଣ୍ଡି ଉପରେ,
ଗଦା ହେବ ଅସୁମାରୀ ଅଶାର ପାହାଡ଼,
ମଥା ପିଟୁଥିବେ ପ୍ରବୃତ୍ତି ଆଉ ପ୍ରତ୍ୟୟ,
ଏକାଠି ବହୁଥିବ ପାପପୁଣ୍ୟ ଧାର,
ଥିଲା, ନଥିଲା ବାଲା ର
ସାମୂହିକ ସୁର ! ! !
ବର୍ଣ୍ଣାଢ୍ୟ ମେଢ଼ରେ ଝଲମଲ ହସୁଥିବେ,
ଖଡ୍ଗ ସମେତ ଦଶ ପ୍ରହରଣ,
ଗୁଗୁଗୁଳ ଧୂପରେ ଉଡୁଥିବ,
ମାରଣ ଅବା ତାରଣର
ଲକ୍ଷେ ପ୍ରଶ୍ନବାଚୀ ! ! ! !

ମହାଶକ୍ତି ଉଲ୍ଲସିତ ଏ ଦରବାର,
ଯହିଁ,ସାଧନା, ପ୍ରାପ୍ତି ଆଉ ମୁକ୍ତିର
ମନାସ,
ଭାବରେ ଅଧୀର ଜଗତ,
କି ଦୀନ କି ଧନୀ,ଭଲ ଆଉ ମନ୍ଦ,
କାଷ୍ଠ ଅବା କାଞ୍ଚନ, ସମ ପ୍ରକରଣ,
କୋହର ସମୁଦ୍ର ସାଥେ ସାଲିସ କରିଛି,
ଦିଗବଳୟରେ, ଗଗନର ଅସୀମ
ଆନନ୍ଦ,
ଉତଥିତ,ସଦା ଜାଗ୍ରତ ଜନନୀ,
ସେ ଦଶମହାବିଦ୍ୟା, ଦୁଃଖର ନିଦାନ,
ସୁଖ ଆଦିମୂଳ, ଲେଖନ୍ତି ଯେ କପାଳର
ଗାର, ଆଙ୍କନ୍ତି ଯେ,
ଅପ୍ରତିମ, ଅପ୍ରମିତ ଏ ବିଶାଳ
ବନ୍ଧନୀ ! ! !

*ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ ବିଭାଗ,*
*ଦେବଗଡ ମହାବିଦ୍ୟାଳୟ*
*ମୋ -୪୩୭୭୩୯୫୭୭*

## ବୋଉ

*ସୁଦର୍ଶନ ମହାପାତ୍ର*



ସତେ ଅବା ଜ୍ୟୋସ୍ନା ସ୍ନାତ
ଶରତର ନିର୍ମଳ ଆକାଶ
ଉଦଭାସିତ ହୁଏ
ମୋ ବୋଉର ଦୀପ୍ତ ଆନନରେ
ସ୍ନିଗ୍ଧତାର ଝଲକଟେ
ଅନୁଭୂତ ହୁଏ
ମୋ ବୋଉର ଦରୋଟି ହସରେ
ପ୍ରସ୍ଫୁଟିତ ତା ଦୁଇ ଆଖିରେ
ସୃଷ୍ଟି ହୁଏ ସତେ ଅବା
ପ୍ରଣବ ଓଁକାର
ସେ ଥିଲେ ପାଖରେ
ସମନ୍ୱିତ ଅପୂର୍ବ ପ୍ରଶାନ୍ତି
ଲାଗେ ପାଶେ ଅଛନ୍ତି ଈଶ୍ୱର
ଇଚ୍ଛା ହୁଏ ଆଙ୍କିବାକୁ
ସେ ଶାଶ୍ୱତ ରୂପକୁ
ବିମୋହିତ କରୁଥାଏ
ଆମ ସମଗ୍ର ସତ୍ତାକୁ
ଅଶୀତି ପର ମୋ ବୋଉ
ଲାଗେ ଏବେ କୁନି ଝିଅଟିଏ
ତା' ଅଳି ଅଝଟ
ତା' ହଁ ଅବା ନାଁ ରେ
ଆମ ଘର ସଦା ମୁଖରିତ
ବୋଉର ' ଓ ' ଉଚ୍ଚାରଣେ
ଥାଏ କେତେ ମାଦକତା ସତେ
ହୃଦ ହୁଏ ଖୁସିରେ ଆପ୍ଲୁତ

*କୁଞ୍ଜବିହାରୀ ଲେନ, କଟକ*

## କାଶତଣ୍ଡି

*ନିରଞ୍ଜନ ସାହୁ*



ହସେ କାଶତଣ୍ଡି ନଈ ପଠା ମଣ୍ଡି
ଦିଶଇ ଅପୂର୍ବ ଶୋଭା
ପାଟ ଜମି , ବିଲ ହିଡେ ଶୋଭାପାଏ
ଦେଖାଏ ଧବଳ ଆଭା ।
ଶରତ ଆସିଲେ ମରତ ଭୂମିକୁ
କାଶତଣ୍ଡି ଫୁଟିଥାଏ
ଜନ ମନ ହରି ଖୁସି ଦିଏ ଭରି
ମନେମନେ ଗୀତ ଗାଏ
ମୃଦୁ୍ୟ ପବନରେ ଦୋଳାୟିତ ହୋଇ
ପ୍ରକାଶଇ ଦିବ୍ୟ ପ୍ରଭା ।
କିଏ କହେ ଦେବୀ ଆଗମନ ଜାଣି
ଚାମର ସଧୀରେ ଢାଳେ
କିଏ କହେ କବି , ଭାବୁକ , ଦର୍ଶକ
ଦର୍ଶନେ ଘଡ଼ିଏ ଭାଳେ
ଆଉ କିଏ କହେ କାଶତଣ୍ଡି ଫୁଲେ
ଧରଣୀ ସଜାଏ ଗଭା ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ବ୍ୟବଚ୍ଛେଦ

*ସୁଧାକର ରାଉତ*



କାହିଁକି ଏ ବ୍ୟବଚ୍ଛେଦ ?
ପରସ୍ତ ପରସ୍ତ କାଟି
କ'ଣ ବା ଖୋଜୁଛ ?
ତୁମର ଏ ପ୍ରୟାସ ବୃଥା
ଲୁଚକାଳି ଖେଳୁଥିବା
ଜୀବନର ଯବନୀକାରେ
ଆଉ ବାକି ଅଛି ପୁଣି
କେଉଁ ନୂଆ କଥା ?
ସବୁତ ଯାଇଛି ଦୂରେ
ଅଣଚାଶ ପବନରେ ।
ପାଇବକି ଏ ଅସାଡ଼ ଶରୀରୁ
ଲୋଭ,ମୋହ,କାମନା,ବାସନାର
ଜୀବାଣୁ ମାନଙ୍କୁ ?
ମୋ ଅହମିକାର ପ୍ରାସାଦ
ମଧ୍ୟରୁ ସବୁ ଅବାସ୍ତବ
କାଳ୍ପନିକ ଅଜସ୍ର ସୁଖକୁ ?
ଶୂନ୍ୟର ଡାକରା ପରେ
ମିଛ ମାୟାର ଏ ଖୋଳପା
ଚାଲୁ କରିଛିତ
ସବୁ ସ୍ୱପ୍ନ ସବୁ ବାସ୍ତବତାକୁ ।
ପାଇବ କି ?
ମୋର ଅନ୍ତହୀନ
ଇଚ୍ଛା ମାନଙ୍କୁ ?
ଭାଗଶେଷ ବିହୀନ
ମୋର ପାପ ପୁଣ୍ୟର
ଅଛିଣ୍ଡା ଗଣିତକୁ ?
ଜୀବନର
ବାସ୍ତବ ସତ୍ୟକୁ
ଅଣ୍ଡାଳୁ ଥିବା
ମୁହ୍ୟମାନ ମୋର
ବିବେକ କୁ ?

*ପ୍ରତାପ ନଗରୀ,କଟକ*
*ମୋ ୮୨୪୯୯୩୨୭୯୨*

## ହସିବ ନାହିଁ

*ଡୁଇଟି ଡେଭିଡ ଫିଲିପ*



ମିଛ କହି ଚାଲିଛି,
ମିଛ କହି ଜାଣୁନି ବି ଜାଣିଛି,
ମିଛ କହୁଛି ଜାଣିଛି ସେ ବି,
ଆଙ୍କୁଛି ସେ, ଯେମିତି ମୁଁ ସତ କହୁଛି।
ସମୟ ବିତୁଛି ଭଲ କହି ମୋତେ,
ସମୟ ବିତୁଛି ମିଛ ଜାଣି ନିଜେ,
ଛଳନା ମୁଁ ବି, ସେ ବି କରୁଛି,
କିଏ କହିବ, କଣ ଚାଲିଛି ?
ପାଠକ ତୁମ ସହିତ ଯଦି ହେଉନି,
ମୋ ଠୁଁ କାହିଁକି ଉତ୍ତର ଖୋଜୁଛନ୍ତି ?
ମନ, ମୁହଁ, ଦେହର ଲୁଚକାଳି,
ଖେଳିନ ଯଦି ଆସ ଗପିବା ସାଙ୍ଗ
ହୋଇ।
ବୟସ୍କ କି,
ଦେଖିଲେ କହିଦେବି।

*ନାୱାଦା, ବିହାର*
*ମୋ-୯୪୩୭୧୦୪୩୦୩*

## ଝାଟିପଦରେ ନବରାତ୍ର

*ସୁନୀଲ କୁମାର ପ୍ରଧାନ*



ଅଧିଷ୍ଠାତ୍ରୀ ଦେବୀ ମାଆ ଠାକୁରାଣୀ
ଝାଟିପଦର ଗାଁରେ
ମୁଖିଆ ହୋଇଣ ଜଗିଥାଏ ମାଆ
ଅତି ଆନନ୍ଦ ମନରେ ।
ଏଗାର ବରଷ ହୋଇଲାଣି ଯାତ
ଆମରି ଗ୍ରାମରେ ପୁଣି
ସିମାଞ୍ଚଳ ଏବଂ ଗୋପାଳ ଗୋସେଇଁ
ଆରମ୍ଭିଲେ ପୂଜା ଜାଣି ।
ଗ୍ରାମବାସୀଙ୍କର ସହଯୋଗେ ଯାତ
ସଦାବର୍ଷ ହୋଇଥାଏ
କେତେ କେତେ ମାନସିକ ନେଇ ଭକ୍ତ
ଆସିଥାନ୍ତି ମାଁ ପୁରେ ।
ନଅ ଦିନ ପ୍ରାୟ ଆମରି ଗ୍ରାମରେ
ଭକ୍ତଙ୍କର ଲାଗେ ଭିଡ
ଢୋଲ ତାଳରେ କମ୍ପମାନ ହୁଅଇ
ଲାଗିଥାଏ ଝୁଣା ମାଡ଼ ।
ନଅ ଦିନରେ ନଅ ଗୋଟି ସେ ରୂପ
ଧାରଣ କରନ୍ତି ମାଆ
ବ୍ରାହ୍ମଣ ଙ୍କ ବେଦ ଧ୍ୱନିରେ ସତେକି
କମ୍ପଇ ଆମରି ଗାଆଁ ।
ପ୍ରଥମ ଦିନରେ ଶୈଳ ପୁତ୍ରୀ ପୂଜା
ଦ୍ୱିତୀୟେ ବ୍ରହ୍ମ ଚାରିଣୀ
ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା ନାମ
ଚତୁର୍ଥ କୁଷ୍ମାଣ୍ଡ ରାଣୀ ।
ପଞ୍ଚମ ଦିନରେ ତୁ ମାଁ ସ୍କନ୍ଦମାତା
ଷଷ୍ଠୀ ରେ ମାଁ କାତ୍ୟାୟନୀ
ସପ୍ତମରେ କାଳରାତ୍ରି ମାଲୋ ତୁହି
ଅଷ୍ଟମେ ଗୌରି ରମଣୀ ।
ନବମ ଦିନରେ ସିଦ୍ଧିଦାତ୍ରୀ ହୋଇ
ସିଦ୍ଧି ପ୍ରଦାନ ତୁ କରୁ
ତୋର ଶକ୍ତି ବଳେ ଜଗତ ଜନନୀ
ଦୁବ ହୋଇଯାଏ ଦାରୁ ।
ଲେଖି ଗଲି ତୋର ନାମକୁ ସୁମରି
ରକ୍ଷା କର ଗୋ ଜନନୀ
ଦୋଷ ଥିଲେ ମତେ କ୍ଷମା ତୁ କରିବୁ
କରୁଛି ବାରେ ଦୟିନୀ ।

*ଝାଟିପଦର, ପାଲୁର, ଗଞ୍ଜାମ*
*ମୋ -୭୬୦୯୯୩୪୩୬୬*

## ଉତ୍ତମ ଶିକ୍ଷା କେବେ ନ ଭୁଲିବ

*ବାପିନି ସିଂ*



ଧନ୍ୟ ତୁମେ ମାତା ଧନ୍ୟ ତୁମେ ପିତା
ତୁମ ସମ କେହି ନାହିଁ
ଜନମ ଦେଇଛ ଯତନେ ପାଳିଛ
ଆମେ ତା ଭୁଲିବୁ ନାହିଁ ।
ବିଦ୍ୟା ଆମ ପିତା ବିଦ୍ୟା ଆମ ବଳ
ବିଦ୍ୟା ତ ସବୁରି ଧନ
ନବୁଝି ଏହାକୁ ଅବୁଝା ହୁଏ ଯେ
ମୂର୍ଖ ହୁଏ ସେଇ ଜାଣ ।
କର୍ତ୍ତବ୍ୟ ପାଳନ କରିବୁ ଆମେରେ
ଧନ ଯଶ ଲାଭ ପାଇଁ
କାପୁରୁଷ ପରି ଭାଗ୍ୟକୁ ଆଦରି
ଦୁଃଖ ତ ଭୋଗିବୁ ନାହିଁ ।
ପର ଦୁଃଖ ଦେଖି କାତର ହୋଇଲେ
ମଣିଷରେ ହେବୁ ଗଣା
ପର ହିତ ଲାଗି ଜୀବନ ତେଜିଲେ
ଗୁଣ ହେବ ଆମ ଜଣା ।
ସାଧୁ ସନ୍ଥ ସଙ୍ଗେ ବାସ ଯେ କରିବୁ
ସୁଶିକ୍ଷା ପାଇବା ପାଇଁ
ହୀନଜନ ଠାରୁ ଦୂରେଇ ରହିବୁ
କୁଶିକ୍ଷା ଲୋଭିବୁ ନାହିଁ ।

*ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ*
*ଫକୀରମୋହନ ବିଶ୍ୱବିଦ୍ୟାଳୟ ,*
*ବ୍ୟାସବିହାର, ବାଲେଶ୍ୱର*
*ଦୂରଭାଷ : ୯୯୩୭୮୨୦୮୩୧*

## ନିରବ ପ୍ରେମ

*ସନ୍ତୋଷ ପଣ୍ଡା*

ତାକୁ ପାଖରେ ପାଇବାର ଦୂର୍ବାର ଇଚ୍ଛା
ମନରେ ହାବୁକା ମାରେ ଅନେକ ଥର
ମାତ୍ର ହାୟ !
ମୋର ସବୁ ବାହ୍ୟ ଅଙ୍ଗରେ
ସାମାଜିକ ଶିକୁଳିର ବେଡ଼ି
ଯେ ବାରମ୍ବାର ପଥରୋଧ କରି
ବନ୍ଦୀ ରଖନ୍ତି ମୋ ଅବୟବକୁ ।

ମନର ଗହିରୀ କଣରେ
ଅଣନିଃଶ୍ୱାସୀ ହୋଇଉଠନ୍ତି
ଶବ୍ଦହୀନ ଅଭିବ୍ୟକ୍ତି ସବୁ
ଶତଚେଷ୍ଟା ସତ୍ତ୍ୱେ ବାହାନା ଖୋଜନ୍ତି
ଗୋଟିଏ ଦୁର୍ବଳ ମୁହୂର୍ତ୍ତର
ଯେଉଁଠି ସେମାନେ ଆସିବେ
ଦୃଶ୍ୟପଟକୁ
ଭାଙ୍ଗିଦେଇ ଧୈର୍ଯ୍ୟର ଦୃଢ଼ କବଚ ।

ମୂକ ପାଲଟିଯାଏ ଚଳଚଞ୍ଚଳ ଓଠ
ଶଙ୍କିତ ହୁଏ ଡରକୁଳା ହୃଦୟ
ପ୍ରତ୍ୟାଖ୍ୟାନ ଠାରୁ ବରଂ ଭଲ
ମୋର ନିରବ ପ୍ରେମ
ଏମିତି ତାକୁ ଦୂରରୁ ଦେଖି ଦେଖି
କଟିଯାଉ ମୋର ତମାମ ଜୀବନ ।

ପ୍ରେମ ସଦା ଖୋଜେନା ସାଥୀର
ସହମତି
କିଛି ଫେରି ନ ପାଇବାରେ ବି ଥାଏ
ଏକ ତୃପ୍ତି
ହେଉ ପଛେ ଅବୁଝା
ମୋର ଯେତକ ନିରବ ଅଭିବ୍ୟକ୍ତି
ଏକତରଫା ପ୍ରେମର ଦହନ
ଦିଏ ମୋତେ ଏକ ଅପୂର୍ବ ଶାନ୍ତି ।

*ବିବେକାନନ୍ଦ ମାର୍ଗ*
*ଭୁବନେଶ୍ୱର*

## ମା ଆସୁଛନ୍ତି

*ସୁବ୍ରତ କୁମାର ଜେନା*



ନଦୀ ପଠାରେ ଧବଳମୟ କାଶତଣ୍ଡି,
ସତେ ଅବା କେଉଁ ଋଷିର ପାଚିଲା କେଶ,
ପବନରେ ଅନବରତ ଦୋଦୁଲ୍ୟମାନ,
ଭରିଦିଏ ମନେ ଶିହରଣ,
କବିର କଲମରେ ଶୋଭାପାଏ ଆଶ୍ୱିନ,
ଚିତ୍ରକଳା ରେ ଜାଗାନିଏ ନଦୀପଠା ଆଉ କାଶତଣ୍ଡି,
ଆଖି ଆଗେ ବିସ୍ତାରିତ ନିଳାଭ ଗଗନ,
ସତେ ଯେମିତି ହାତଠାରି ଡାକେ,
ଆସ ମା ଆସ -ଧରାରେ ତୁମକୁ ସ୍ୱାଗତ ।

ଗାଁ ଗଣ୍ଡା ଚଳ ଚଞ୍ଚଳ,
ଆଖି ଝଲସିଲା ଭଳି ତୋରଣ ସାଙ୍ଗକୁ ଆଲୋକସଜ୍ଜା,
ଅନେକ ବାଧାର ଦିନ ପରେ ଆଜି ଦିନ ଖୁସିର,
ସବୁ ପାପର ବିନାଶ ପାଇଁ ଆସୁଛନ୍ତି ମା,
କେବଳ ତାଙ୍କରି ଆଶିଷ ଲାଗି ସମସ୍ତେଆଜି ପାର୍ବଣ ମୁଖର ।

ଆଉକିଏ କଣ ଚାହେଁ,
ଏ ବ୍ୟସ୍ତତା ମଧ୍ୟରେ ଟିକେ ଖାଲି ଅବସର,
ଦି କ୍ଷଣ ଖୁସିରେ କଟୁ ପ୍ରିୟଜନଙ୍କ ସହ,
କିଏ ଜାଣେ କାଲିକୁ କଣ ବୋଲି,
ତଥାପି ଆଶା ବୈତରିଣୀ ପାରିହେବାକୁ ସଭିଙ୍କ ଇଚ୍ଛା,
ମାଆଙ୍କୁ ସୁମରି ମାଆଙ୍କୁ ପୁଜି,
କିଛି କ୍ଷଣ ହେଉ ପଛେ ଭୁଲାଇଦେବାକୁ,
ଅନେକ କାଳ ରାତ୍ରିର କାଳୀମା ଅନ୍ଧାରକୁ,
ମା ଦୁର୍ଗାଙ୍କ ଚରଣରେ ବିନତି କରି,
ସମସ୍ତଙ୍କ ମଙ୍ଗଳ କାମନା କରି ॥

*ଶୂରଡିହ, ନନ୍ଦିପୁର, ଯାଜପୁର*
*ଦୂରଭାଷ-୯୭୭୬୨୦୮୯୩୦*




# ପୌରପାଳିକାର ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଭେଟିଲା ନଗର ବିଜେପି

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ପୌର ପରିଷଦ କାର୍ଯ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଏବଂ ସ୍ଥାଣୁତା ସମ୍ପର୍କରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବିଜେପି କାଉନସିଲର ଓ ନଗରର ବିଜେପିର ପ୍ରମୁଖ କାର୍ଯ୍ୟକର୍ତ୍ତା ମାନ୍ୟବର ଜିଲ୍ଲାପାଳ ମହୋଦୟଙ୍କୁ ଭେଟିଛନ୍ତି। ଏହି ଅବସରରେ ସମସ୍ତେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ବାଲେଶ୍ୱର ପୌର ପରିଷଦ ଏକ ପୁରୁଣା ତଥା ୧୪୬ ବର୍ଷର ହୋଇଥିଲେ ମଧ୍ୟ ବିଭିନ୍ନ ସମସ୍ୟାବହୁଳ ମଧ୍ୟରେ ଗତି କରୁଛି। ବାଲେଶ୍ୱର ପୌର ପରିଷଦରେ ବିଗତ ଚାରି ବର୍ଷରେ ଏକ ନିୟମିତ ଏବଂ ଅଭିଜ୍ଞ କାର୍ଯ୍ୟନିର୍ବାହୀ ଅଧିକାରୀ ନଥିବାରୁ ସହରାଞ୍ଚଳ ଅଧିବାସୀ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୌର ପରିଷଦରେ ଲେବର ସଂଖ୍ୟାକୁ ବୃଦ୍ଧି କରି ନୂଆ ସାନିଟେସନ ଟେଣ୍ଡର ଆହ୍ୱାନ କରିବା ପାଇଁ ରିଜୋଲ୍ୟୁସନ ପାସ କରିଥିବା ବେଳେ ଏହାକୁ ଅବଜ୍ଞା କରି ଏହାର ଠିକାଦାରର ସମୟସୀମା ବୃଦ୍ଧି କରିବା ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟଧାରାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସହରରେ ଲାଗିଥିବା ଷ୍ଟ୍ରିଟ ଲାଇଟର ଯୋଗାଣ ଏବଂ ରକ୍ଷଣାବେକ୍ଷଣ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। କିନ୍ତୁ ସେ ସଂସ୍ଥା ନା ଖରାପ ହୋଇଥିବା ଜାଗାରେ ନୂଆ ଲାଇଟ ଲଗାଇଉଛି ନା ରକ୍ଷଣାବେକ୍ଷଣ କରୁଛି, ଯାହାଫଳରେ ସହରର ବିଭିନ୍ନ ଗଳିକନ୍ଦି ଅନ୍ଧାର ହୋଇରହୁଛି। କିନ୍ତୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହାତେଇ ଲକ୍ଷ ଲକ୍ଷ ଟଙ୍କାର ବିଲ ନେଉଛନ୍ତି। ସେହିପରି ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ (ଜଳଯୋଗାଣ ସଂସ୍ଥା) ମ୍ୟୁନିସିପାଲିଟି ଗ୍ରାଣ୍ଟରୁ ଅନ୍ୟୁନ ୧୦ କୋଟି ଟଙ୍କା ନେଇଥିବା ସ୍ଥଳେ ସହରର ପ୍ରତ୍ୟେକ ୱାର୍ଡରେ ଉତ୍କଟ ଜଳାଭାବ ସହିତ ଗୋଳିଆ ପାଣି ଜନଜୀବନକୁ ବିପର୍ଯ୍ୟସ୍ତ କରିବା ସଙ୍ଗେସଙ୍ଗେ ଦାୟିତ୍ୱହୀନ ଏବଂ ଅପାରଗତାକୁ ପ୍ରମାଣ କରୁଛି। ତେଣୁ ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ସହିତ ୩ ଦିନ ମଧ୍ୟରେ ଏକ ନିୟମିତ ଏବଂ ଅଭିଜ୍ଞ କାର୍ଯ୍ୟନିର୍ବାହୀ ଅଧିକାରୀ ତୁରନ୍ତ ଅବସ୍ଥାପନ ନକଲେ ବାଲେଶ୍ୱର ନଗର ବିଜେପି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, ନିତ୍ୟଗୋପାଲ ସିଂ, ସସ୍ମିତା ନାଥ, ରୋଜାଲିନ ପାଣି, ସୁଚିସ୍ମିତା ପଣ୍ଡା, ଗୌରୀ ଦାଶ, ଭାରତୀ ପାତ୍ର, ନିରୁପମା ଦାଶ ଏବଂ ପ୍ରତିମା ବେହେରା, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଜୟପ୍ରକାଶ ଦାଶ, ରାଜେନ୍ଦ୍ର ଚାଟାର୍ଜୀ, ଜୀବନ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ମହୀଧରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ; ନର୍ସ ସଂକ୍ରମିତ




ଫୁଲନଖରା (ପିଏନ୍)-ବର୍ଷାଋତୁରେ ଡେଙ୍ଗୁ ସମେତ ଅନ୍ୟାନ୍ୟ ଜଳବାହିତ ରୋଗର ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରତିଷେଧମୂଳକ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏହାର ନିରାକରଣ ସକାଶେ ବ୍ୟାପକଭାବେ ପ୍ରଚାର ପ୍ରସାର ସହିତ ଲୋକମାନଙ୍କୁ ସଚେତନ ମଧ୍ୟ କରାଯାଉଛି। କିଁ ଏହି ରୋଗକୁ ନିୟନ୍ତ୍ରଣ କରିବାରେ ବିଭାଗ ବସ୍ତୁତଃ ବିଫଳ ହୋଇଥିବା ଲକ୍ଷ୍ୟ କରାଯାଉଛି। ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ପରିଚାରିକା (ନର୍ସ) ଡେଙ୍ଗୁ ରୋଗରେ ଆକ୍ରା' ହେବାରୁ ବିଭାଗର ବିଫଳତା ଏବେ ପଦାରେ ପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ନିୟମିତ ପରିଷ୍କାର ପରିଚ୍ଛନ୍ନ ହେଉନଥିବା ଏବଂ ବିଶୋଧକ ଆଦି ସିଞ୍ଚନ କରାଯାଉନଥିବା ଅଭିଯୋଗ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡେଙ୍ଗୁ ନିରାକରଣ ଓ ନିୟନ୍ତ୍ରଣ ପାଇଁ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ଆନୁସଙ୍ଗୀକ ବ୍ୟବସ୍ଥା ଯୋଗାଇଦେବା ସହିତ ଏହାର ସଦୁପଯୋଗ ନିମେ' ସ୍ୱଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଠିକ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଆଶା, ଅଙ୍ଗନବାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କ କେବଳ ଘନଘନ ବୈଠକରେ ଡେଙ୍ଗୁ ନିରାକରଣ ଅଭିଯାନ ସୀମିତ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରର ଜନୈକା ମହିଳା କର୍ମଚାରୀଙ୍କୁ ଏହି ରୋଗ ସଂକ୍ରମଣ ହୋଇଥିବାବେଳେ ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ସଚେତନତା କିପରି ହେଉଥିବ ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

# ୧୪ ନମ୍ବର ୱାର୍ଡରେ ମୋ ୱାର୍ଡ ବୈଠକ

ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱର ମହାନଗର ନିଗମର ଉତ୍ତର ମଣ୍ଡଳ ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ନୀଳାଦ୍ରିବିହାର କାର୍ଯ୍ୟାଳୟଠାରେ ମୋ ୱାର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ମୋନାଲିସା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଏମସି କମିଶନର ବିଜୟ ଅମୃତ କୁଳାଙ୍ଗେ ଯୋଗଦେଇ କହିଥିଲେ ଆମ ଘରକୁ ଯେପରି ଆମ୍ଭେମାନେ ସଫା ସୁତରା ରଖୁଛେ, ଘର ସମ୍ମୁଖରେ ଅଳିଆ ପଡିଲେ ଯେମିତି ଝାଡୁ ମାରି ଦେଉଛେ, ଠିକ୍ ସେହିପରି ଆମେ ଯଦି ସତର୍କ ରହିବା, ତାହାହେଲେ ରାସ୍ତାଘାଟ ଅଳିଆ ହେବ ନାହିଁ। ଘରେ ଦୁଇଟି ଡଷ୍ଟବିନ୍ ରଖିବା, ଗୋଟିଏରେ ଶୁଖିଲା ଓ ଅନ୍ୟଟିରେ ଓଦା ପଦାର୍ଥ ରଖି ବିଏମସି ଗାଡିକୁ ଦେବା, ତାହାହେଲେ ଅଳିଆ ସମସ୍ୟାର ସମାଧାନ ହୋଇଯିବ। ସମସ୍ତଙ୍କ ସହଯୋଗରେ ଭୁବନେଶ୍ୱରର ଉନ୍ନତି ଘଟିବ। ସମ୍ମାନିତ ଅତିଥି ଭାବେ ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ପୁରନ୍ଦର ନନ୍ଦ ପ୍ରମୁଖ ଯୋଗଦେଇ ୱାର୍ଡବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୪ ନମ୍ବର ୱାର୍ଡର ବହୁ ଲୋକ ଉପସ୍ଥିତ ଥିଲେ।

# ପରମାନନ୍ଦ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଖୋର୍ଦ୍ଧା,(ପିଏନ)- ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ କଲେଜର ସମ୍ମିଳନୀ କକ୍ଷରେ ଶାକୁନ୍ତଳେ ନାଟ୍ୟକଳା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ବିଭାଗୀୟ ମୁଖ୍ୟା ଡଃ ଗୀତାଞ୍ଜଳୀ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ସ୍ନାତୋକତର ସଂସ୍କୃତ ବିଭାଗର ଆସୋସିଏଟ ପ୍ରଫେସର ଡଃ ବ୍ରଜସୁନ୍ଦର ମିଶ୍ର ମୁଖ୍ୟବକ୍ତା, ପିପିଲି ମହାବିଦ୍ୟାଳୟ ସଂସ୍କୃତ ବିଭାଗର ପ୍ରାଧ୍ୟାପିକା ସୁନନ୍ଦା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାବ୍ୟ କାଳିଦାସଙ୍କ ରଚିତ ଅଭିଜ୍ଞାନ ଶାକୁନ୍ତଳମ ଶ୍ରେଷ୍ଠତମ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତଃ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କର ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଦିବଂଗତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରୀ ଗାୟତ୍ରୀ ବରାଡ ଓ ସାଥିମାନେ ସ୍ତୋତ୍ର ପାଠ କରିଥିବା ସହ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡଃ ଅନୁସୂୟା ପୃଷ୍ଟି ଆଲୋଚନା ଚକ୍ରରେ ନିର୍ଯ୍ୟାସ ପାଠ କରିଥିବା ବେଳେ ଛାତ୍ରୀ ସନ୍ଧ୍ୟାରାଣୀ ସୁବୁଦ୍ଧି ଓ ଲକ୍ଷ୍ମୀପ୍ରିୟା ବେହେରା ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ଜ୍ୟୋତିଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ ମହାପାତ୍ର, ଜୟନ୍ତ କୁମାର ବିଶ୍ୱାଳ ଓ କର୍ମୋଦୟ ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ।

# ଯୌତୁକଜନିତ ଟଙ୍କା ନ ପାଇବାରୁ ପତ୍ନୀକୁ ମାଡ

ଖୋର୍ଦ୍ଧା (ପିଏନ)- ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗ୍ରାମର କୈଳାସ ଚନ୍ଦ୍ର ନାୟକଙ୍କ ଝିଅ ରଶ୍ମିତା ୨୦୦୯ ମସିହାରେ ବାରବାଟି ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ପବିତ୍ରଙ୍କ ସହ ବୈଦିକ ରୀତିନୀତି ଅନୁଯାୟୀ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପବିତ୍ରର ଦୁଇଟି ଝିଅ ଜନ୍ମ ହୋଇଥିଲେ ମଧ୍ୟ ୫ ବର୍ଷ ହେବ କୌଣସି କାମଧନ୍ଦା ନ କରି ଘରର ଆସବାବପତ୍ର ବିକ୍ରୀ କରିବା ସହ ଶ୍ୱଶୁର ଘରର ୨ ମାଣ ଜମି ବିକ୍ରୀ କରି ଦେଇଛନ୍ତି। ଏହାସହିତ ନିଜ ପତ୍ନୀ ରଶ୍ମିତାକୁ ବିଭିନ୍ନ ସମୟରେ ଶାରିରୀକ ଓ ମାନସିକ ଯନ୍ତ୍ରଣା ଦେଇ ଯୌତୁକ ଟଙ୍କା ଆଣିବାକୁ ଦାବୀ କରି ଆସୁଥିଲେ। ଏଥିରେ ରଶ୍ମିତାକୁ ଅସହ୍ୟ ହେବାରୁ ୨ ମାସ ପୂର୍ବରୁ ନିଜ ବାପ ଘରେ ରହିଥିବା ବେଳେ ବୁଝାସୁଝା କରି ନେଇ ଯାଇଥିଲେ। ଗତ ୨୯ ତାରିଖ ଦିନ ରାତିରେ ଶାଶୁ, ଶ୍ୱଶୁର ଓ ସ୍ୱାମୀ ଆସି ଗୋଇଠା ମାରି ମୁହଁକୁ ମାଡ ମାରିବା ସହ ରଡରେ ଗୁପ୍ତାଙ୍ଗରେ ଭର୍ତି କରି କିରୋସିନି ଆଣିବାକୁ ଯାଇଥିବା ସମୟରେ ସେମାନଙ୍କ ଠାରୁ ଖସିଯାଇ ନିଜକୁ ଆତ୍ମଗୋପନ କରି ବାପାଙ୍କ ନିକଟକୁ ଫୋନ ଯୋଗେ ଜଣାଇଥିଲା। ଏ ନେଇ ଅଭିଯୋଗକାରିଣୀ ରଶ୍ମିତା ସାହୁ ଚିକିତ୍ସିତ ହୋଇ ଦାବୀ ମୁତାବକ ଅର୍ଥ ଦେଇ ନପାରିବାରୁ ଏଭଳି ଅଘଟଣ ଘଟିଛି ବୋଲି ପୋଲିସ ନିକଟରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

# ଲଗାମହୀନ ଦରବୃଦ୍ଧି, ଅସହ୍ୟ ବେକାରୀ ଧାନ କ୍ୱିଣ୍ଟାଲ ୩୦୦୦ ଟଙ୍କା ଦାବୀ କରି ସିପିଆଇ (ଏମ୍)ର ଆନ୍ଦୋଳନ ଆହ୍ୱାନ

ଭୁବନେଶ୍ୱର (ପିଏନ୍): ଓଡିଶାର ଯୁବକମାନେ ରାଜ୍ୟରେ ନିଯୁକ୍ତି ଓ ଉପଯୁକ୍ତ ମଜୁରୀ ଅଭାବରୁ ଲକ୍ଷ ଲକ୍ଷ ସଂଖ୍ୟାରେ ରାଜ୍ୟ ବାହାରକୁ କାମ ପାଇଁ ଚାଲି ଯାଉଛନ୍ତି । ଏଣେ କେନ୍ଦ୍ର ସରକାରଙ୍କ ଧନୀ ପୁଞ୍ଜିପତି ସପକ୍ଷବାଦୀ ଆର୍ଥିକ ନୀତି ଯୋଗୁଁ ଦରଦାମ ହୁ ହୁ ହୋଇ ବଢି ଚାଲିଛି । କେନ୍ଦ୍ର ସରକାର ଦେଶର ଅତି ଉଚ୍ଚ ଧନୀ ପରିବାରଗୁଡିକୁ ୧୦ ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଋଣ ଛାଡ ଓ ଟିକସ ରିହାତି ଦେଲାବେଳେ ସାଧାରଣ ଲୋକଙ୍କ ବ୍ୟବହାର୍ଯ୍ୟ ଚୁଡା, ଗୁଡ, ମୁଢି ଉପରେ ଶତକଡା ୫ ଭାଗ ଜି.ଏସ୍.ଟି. ଲାଗୁ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ । ଲଗାମହୀନ ଦରବୃଦ୍ଧି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ । ଡିଜେଲ, ପେଟ୍ରୋଲ ଦର ୧୦୦ଟଙ୍କା ତଳକୁ ଖସୁନାହିଁ, ରନ୍ଧନ ଗ୍ୟାସ ସିଲିଣ୍ଡର ୧୦୦୦ ଟଙ୍କାରୁ ଉର୍ଦ୍ଧ୍ୱ, ଏହା ବିରୋଧରେ ଦେଶବ୍ୟାପି ସି.ପି.ଆଇ.(ଏମ୍) ଆନ୍ଦୋଳନ ଓ ଅଭିଯାନ ପାଇଁ ଆହ୍ୱାନ କରିଛି । ଓଡିଶାରେ ଦଳ ପକ୍ଷରୁ ଚଳିତ ମାସ ୨୮ ତାରିଖ ଦିନ ରାଜ୍ୟସ୍ତରୀୟ ପ୍ରତିବାଦ ସମାବେଶ ନିମନ୍ତେ ଦଳ ପକ୍ଷରୁ ଡାକରା ଦିଆଯାଇଛି । ଏ ସଂକ୍ରାନ୍ତରେ ଏଠାରେ ସି.ପି.ଆଇ(ଏମ୍)ଓଡିଶା ରାଜ୍ୟ କମିଟି ସମ୍ପାଦକ ଅଲି କିଶୋର ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଚାର ଅଭିଯାନ ଓ ସମାବେଶକୁ ସଫଳ କରିବାକୁ ନିବେଦନ କରିଛନ୍ତି ।

ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାରରେ କେନ୍ଦ୍ର ସରକାର ସ୍ୱାଧୀନତାର ୭୫ ବର୍ଷ ପୂରଣକୁ ଆଜାଦୀକା ମହୋତ୍ସବ ରୂପେ ପାଳନ କରୁଥିବା ବେଳେ ଦେଶର ସମ୍ବିଧାନ ପ୍ରଦତ୍ତ ଗଣତାନ୍ତ୍ରିକ, ମାନବିକ ଅଧିକାର ହରଣ, ଘୋଷିତ ଧର୍ମନିରପେକ୍ଷତାକୁ ଧ୍ୱଂସ କରି ସାଂପ୍ରଦାୟିକ ଭେଦଭାବର ବିଷ ମଞ୍ଜି ବୁଣିବାରେ ଲାଗିଛନ୍ତି ।

ଓଡିଶାରେ ୨୨ ବର୍ଷର ବିଜେଡି ଶାସନ କାଳରେ ରାଜ୍ୟର ମୌଳିକ ସମସ୍ୟା ସମାଧାନ କରିବାରେ ମୋଟେ ଦୃଷ୍ଟି ଦେଲେନାହିଁ । ଫଳରେ ରାଜ୍ୟବାସୀ ସଙ୍କଟ ଜର୍ଜରିତ ହୋଇ ରହିଛନ୍ତି । ଚାଷି ଧାନ କିଣିବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଗତ ବର୍ଷ ୨ ଲକ୍ଷ ଚାଷୀ ଧାନ ବିକ୍ରୀ ସକାଶେ ପଞ୍ଜିକରଣ କରିଥିଲେ ସୁଦ୍ଧା ସରକାର ମଣ୍ଡିରେ ଧାନ କିଣିପାରିଲେ ନାହିଁ । କେନ୍ଦ୍ର ସରକାର ଧାନର ସଂଗ୍ରହ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ମାତ୍ର ୧୦୦ ଟଙ୍କା ବୃଦ୍ଧି କଲେ । ଅନ୍ୟ ଦିଗରେ ସାରର ମୂଲ୍ୟ ୧୦୦୦ ଟଙ୍କା ବୃଦ୍ଧି ହୋଇଛି । ରାଜ୍ୟରେ ଚାଷୀ ସାର ପାଉନାହିଁ । ସାର ବିକ୍ରୀରେ ବ୍ୟାପକ କାରସାଦୀ ଓ କଳାବଜାରୀ ହେଲେ ବି ସରକାର ନୀରବ । କେରଳ ରାଜ୍ୟ ସରକାର ଚାଷୀମାନଙ୍କୁ କେନ୍ଦ୍ରୀୟ ସହାୟକ ମୂଲ୍ୟ ଉପରେ ବୋନସ୍ ଦେଉଛନ୍ତି । କିନ୍ତୁ ଓଡିଶାରେ ରାଜ୍ୟ ବିଜେଡି ସରକାର ଗୋଟିଏ ଟଙ୍କା ସୁଦ୍ଧା ବୋନସ୍ ଦେବାକୁ ରାଜି ନୁହଁନ୍ତି । ରାଜ୍ୟରେ ବେକାର ସମସ୍ୟା ଭୟାବହ ହେଲାଣି । ୧୫ରୁ ୨୯ ବର୍ଷ ବୟସ ସୀମାର ଶତକଡା ୩୪ ଭାଗ ଯୁବକ ବେକାର । ସ୍ନାତକ ଏବଂ ବୈଷୟିକ ଶିକ୍ଷା ପ୍ରାପ୍ତ ଯୁବକମାନଙ୍କ ମଧ୍ୟରୁ ଶତକଡା ୮ ଭାଗ ଯୁବକଙ୍କ ପାଇଁ ନିଯୁକ୍ତି ନାହିଁ । ରାଜ୍ୟ ସରକାରୀ ଅଫିସ୍ ମାନଙ୍କରେ ୨ ଲକ୍ଷ ୨୬ ହଜାର ପଦବୀ ଖାଲି । ସେଥିରୁ କେବଳ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ଲକ୍ଷାଧିକ ପଦବୀ ଖାଲି ରହିଛି । ରାଜ୍ୟ ସରକାର କାଁ ଭାଁ ନିଯୁକ୍ତି ପ୍ରଦାନ କରି ସେମାନଙ୍କୁ ଭୁବନେଶ୍ୱରରେ ଠୁଳ କରି ବ୍ୟାପକ ପ୍ରଚାର କରାଯାଉଛି । ପ୍ରତ୍ୟେକ ନିଯୁକ୍ତିରେ ଲକ୍ଷ ଲକ୍ଷ ଟଙ୍କାର ଲାଞ୍ଚ କାରବାର ଉଚ୍ଚସ୍ତରର ଜ୍ଞାତସାରରେ ହେଉଛି ।

ଠିକା କର୍ମଚାରୀ ଓ ଆଉଟସୋର୍ସ କର୍ମଚାରୀଙ୍କ ସଂଖ୍ୟା ୩ ଲକ୍ଷରୁ ଉର୍ଦ୍ଧ୍ୱ । ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ନ ଦେଇ ସ୍ୱଳ୍ପ ବେତନରେ ଶୋଷଣ କରାଯାଉଛି । ଗ୍ରାମାଞ୍ଚଳରେ ରେଗା କାମରେ କଣ୍ଟ୍ରାକ୍ଟର ଏବଂ ମେସିନ ବ୍ୟବହାର ବେଧଡକ ଭାବେ ଚାଲିଛି । ମାସ ମାସ ଧରି ମଜୁରୀ ନାହିଁ । ବ୍ଲକ୍ ଗୁଡିକ ହେଉଛି ହରିଲୁଟର କେନ୍ଦ୍ର । ସର୍ବତ୍ର ସବୁ ବିଭାଗରେ ଦୁର୍ନୀତି, ଲାଞ୍ଚ, ମିଛ ଭରପୁର । ନିମ୍ନମାନର କାର୍ଯ୍ୟ ହେତୁ କେଉଁଠି ପୋଲ ଭୁଷୁଡି ପଡୁଛି ତ କେଉଁଠି କୋଠାର ଛାତ । ସି.ପି.ଆଇ.(ଏମ୍) ପକ୍ଷରୁ ଜନଜୀବନ ସମ୍ପର୍କିତ ଏହି ପ୍ରସଙ୍ଗଗୁଡିକୁ ନେଇ ସେପ୍ଟେମ୍ବର ମାସରେ ବ୍ୟାପକ ପ୍ରଚାର ଅଭିଯାନ ଶେଷରେ ଚଳିତ ମାସ ୨୮ ତାରିଖ ଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପ୍ରତିବାଦ ସମାବେଶ ପାଇଁ ଆହ୍ୱାନ କରାଯାଇଛି ।

# କୁଖ୍ୟାତ ଅପରାଧୀ ଜୁମା ସହ ୪ ଅଭିଯୁକ୍ତ ଗିରଫ, ୭ଗାଡି ଓ ସୁନା ଅଳଙ୍କାର ଜବତ



ଫୁଲନଖରା (ପିଏନ୍)-କଟକ ସଦର ଥାନା ତରଫରୁ ଚଢ଼ାଉ କରି କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଗ୍ରାମର ଅନ୍ତଃରାଷ୍ଟ୍ରୀୟ ଅପରାଧୀ ଜୁମା ଓରଫ ଅବଦୁଲ ନାଦି ଖାଁ ଓରଫ ଅବଦୁଲ ରଜକ (୧୯), ଜଗତପୁର ଥାନା ଅନ୍ତର୍ଗତ ନୂଆସାହିର ଦେବାଶିଷ ଭୂୟାଁ ଓରଫ ଦେବ (୧୯), ଜଗତପୁର ଥାନା ଅନ୍ତର୍ଗତ ଗଣିପୁରର ବିନୋଦ ବିହାରୀ ବିଶ୍ୱାଳ (୩୦), କେନ୍ଦ୍ରାପଡା ଟାଉନ୍ ଥାନା ଅନ୍ତର୍ଗତ ଗରାପୁର ଅଂଚଳର ବୁଟୁ ଓରଫ ସେକ୍ ରୁସ୍ତମ୍ (୩୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ ସଦର ଥାନା ଅଂଚଳର ଅଢ଼ାଳିଆ ଗ୍ରାମର ରମେଶ ସାହୁଙ୍କ ଏକ ସିଲ୍ଭର ରଙ୍ଗର ଅଲ୍ଟୋ ଗାଡି (ଓଆର୍-୨୧ ୭୪୭୯)କୁ ତାଙ୍କ ଘର ଆଗରୁ ଅଗଷ୍ଟ ମାସ ୨୦ ତାରିଖରେ କେହି ଅଜଣା ବ୍ୟକ୍ତି ଚୋରୀ କରି ନେଇ ଯାଇଥିବାର ଏକ ଲିଖିତ ଅଭିଯୋଗ ଅଗଷ୍ଟ ୨୧ ତାରିଖରେ ସଦର ଥାନାରେ କରିଥିଲେ । ଅଭିଯୋଗକାରୀଙ୍କ ତଥ୍ୟକୁ ଭିତି କରି ଜୋନ୍-୪ ଏସିପି ଚନ୍ଦନ ଘଡେଇ ଓ କଟକ ସଦର ଥାନା ଆଇଆଇସି ରଶ୍ମିରଂଜନ ମହାପାତ୍ର ଏକ ଟିମ୍ ଗଠନ କରି ଅନୁସନ୍ଧାନ ପ୍ରକ୍ରିୟା ଜାରି ରଖି ଜୁମା ଓ ତା'ର ସହଯୋଗୀମାନଙ୍କୁ ଧରିବାରେ ସଫଳ ହୋଇଥିଲେ । ସେମାନଙ୍କ ଠାରୁ ୨ଟି ଅଲ୍ଟୋ କାର, ୧ଟି ବୋଲେରୋ, ୨ଟି ପିକ୍ଅପ୍ ଭ୍ୟାନ୍ ଓ ୨ଟି ୟାମା ଆର୍-୧୫ ବାଇକ୍, ୧ଟି ନୀଳରଙ୍ଗ ରେଡ୍ମି ମୋବାଇଲ, ୪ଟି ମଙ୍ଗଳସୂତ୍ର, ୬ଟି ହାତ ମୁଦି, ୨ଟି କାନଫୁଲ, ୧ଟି ସୁନା ଚେନ୍ ସହ ଲକେଟ୍ (ପ୍ରାୟ ୬୧ଗ୍ରାମ ସୁନା ଅଳଙ୍କାର) ଜବତ କରାଯାଇଥିଲା । ଅଭିଯୁକ୍ତମାନଙ୍କୁ ପଚରାଉଚରା ମାଧ୍ୟମରେ ଓଡ଼ିଶାର ବିଭିନ୍ନ ସ୍ଥାନ ତଥା ଶ୍ରୀକାକୁଲମ୍ ଓ ଆନ୍ଧ୍ର ପ୍ରଦେଶରୁ ମଧ୍ୟ ଅନେକ ଗାଡି ଚୋରୀ ଓ ସୁନା ଅଳଙ୍କାର ଛିନ୍ତାଇ କରିଥିବା ସେମାନେ ସ୍ୱୀକାର କରିବା ସହ ସେମାନଙ୍କ ନାମରେ ନୟାପଲ୍ଲୀ, ଭରତପୁର, ଚନ୍ଦ୍ରଶେଖରପୁର, ସାଲେପୁର, ଜଗତପୁର, ଖୋର୍ଦ୍ଧା, ହିଂଜିଳି, ତମାଣ୍ଡୋ, ଢ଼େଙ୍କାନାଳ, ଯାଜପୁର, ନିଶ୍ଚିନ୍ତକୋଇଲି ଓ କଟକ ସଦର ଥାନାରେ ପ୍ରାୟ ୧୭ଟି ଅଭିଯୋଗ ରହିଛି ବୋଲି ଡିସିପି ପିନାକୀ ମିଶ୍ର ସୂଚନା ପ୍ରଦାନ କରିଛନ୍ତି ।

# ତହସିଲ ପକ୍ଷରୁ ୩ ଗାଡି ଜବତ ଘଟଣା, ଗାଡି ମାଲିକ ଓ ଡ୍ରାଇଭର ସମେତ ୫ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଲୁଣିବର କଳାପଥର ଖାଦାନରେ ବେଆଇନ ଭାବେ ଖନନ କରୁଥିବା ଏକ ଜେସିବି ମେସିନ ସହ ଏକ ହାଇୱା ଓ ଏକ ବାଲି ଟ୍ରାକ୍ଟରକୁ ତହସିଲଦାର ଜବତ ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ ଲୁଣିବର କଳାପଥର ଖାଦାନରେ ବେଆଇନ ଭାବେ ଖନନ ହେଉଥିବା ଖବର ପାଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଓ ରାଜସ୍ୱ ନିରିକ୍ଷକ ଚନ୍ଦନ ସାହୁ ସେଠାରେ ଚଢାଉ କରି ଏକ ଜେସିବି ମେସିନ ସହ ଏକ ହାଇୱା ଗାଡିକୁ ଜବତ କରିଥିଲେ । ଏହି ସମୟରେ ସେହି ରାସ୍ତାଦେଇ ଯାଉଥିବା ଏକ ବାଲି ଟ୍ରାକ୍ଟରକୁ ଜବତ କରିଥିଲେ । ଏହାକୁ ନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଜେନାପୁର ଥାନାରେ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ପୁଲିସ ୨୫୫/୨୨ ଓ ୨୫୬/୨୨ରେ ଦୁଇଗୋଟି କେଶ ରୁଜୁ କରି ଗାଡିର ମାଲିକ ଓ ଡ୍ରାଇଭର ସମେତ ୫ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଗ୍ରାମର ମଦନ ସେନାପତି (୪୮), ରଂଜନ ସେନାପତି (୫୮), ଏହି ଥାନା ରାମଚନ୍ଦ୍ରପୁର ଗ୍ରାମର ପିଂଟୁ ରାଉତ (୨୩), ଏହି ଥାନା ରାଇଛନ୍ଦା ଗ୍ରାମର ବିଶ୍ୱନାଥ ମହଲ୍ଲ ଓ ରାମପୁର କାଇଥାର ଗଣେଶ୍ୱର ରାଉତ । ଗିରଫ ଅଭିଯୁକ୍ତମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ଏକାମ୍ର ସଂରକ୍ଷଣ ଯୋଜନା ଆରମ୍ଭ ପାଇଁ ମୋଦିଙ୍କୁ ଧନ୍ୟବାଦ

ଭୁବନେଶ୍ୱର (ପିଏନ୍): ଏକାମ୍ର ସଂରକ୍ଷଣ ଯୋଜନାକୁ ଜାତୀୟ କୀର୍ତିରାଜୀ କର୍ତୃପକ୍ଷ (ଏନ୍ଏମ୍ଏ) ଅନୁମତି ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି ବିଜେପି ନେତା ଅମୀୟ ଦାଶ। ଶ୍ରୀ ଦାଶ କହିଛନ୍ତି ଯେ ଅଧାରୁ ଅଟକିଥିବା ଶ୍ରୀଲିଙ୍ଗରାଜ ଏଂଟ୍ରି ପ୍ଲାଜା ପ୍ରକଳ୍ପ ହେବା ଦ୍ୱାରା ଏକାମ୍ର କ୍ଷେତ୍ରର ବିକାଶ ହେବ। ତେବେ ଜମି ହରାଇଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଉଠା-ଦୋକାନୀଙ୍କୁ ଥଇଥାନ କରିବା ଓ ପ୍ରକଳ୍ପକୁ ତୁରନ୍ତ ସାରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ଭାଣପୁର ମହାଦେବ ପୂଜା କମିଟି ତରଫରୁ ବନ୍ଧୁମିଳନ



ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ଭାଣପୁର ମହାଦେବ ପୂଜା କମିଟି ତରଫରୁ ଏକ ଶାରଦୀୟ ବନ୍ଧୁମିଳନ ଉତ୍ସବ ପ୍ରମୋଦ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜୋନ୍-୪ ଏସିପି ଚନ୍ଦନ ଘଡେଇ, ଅତିଥି ଭାବରେ ଆଇଆଇସି ରଶ୍ମିରଂଜନ ମହାପାତ୍ର, ୫୮ନଂ ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, ଗ୍ରାମ୍ୟ କମିଟି ସଂପାଦକ ଦିଲ୍ଲୀପ ନାୟକ, ଶରତ କୁମାର ଜେନା, ମହମ୍ମଦ ସିଦ୍ଦିକ୍, ମୁନିଲାଲ୍ ଚୌହାନ୍, ନବପ୍ରିତ୍ ଆରୋରା ପ୍ରମୁଖ ଯୋଗଦେଇ ଜାତି,ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତେ ଏହି ପର୍ବକୁ ଶାନ୍ତିଶୃଙ୍ଖଳା ସହିତ ପ୍ରଶାସନର ସମସ୍ତ ନୀତି ନିୟମକୁ ମାନି ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ଉକ୍ତ ଉତ୍ସବକୁ ରାଜେଶ କୁମାର ଭଟ୍ଟ, ଅଜିତ୍ ରାଉତ, ରଣଜିତ୍ ଦାସ, ପ୍ରଭାତ ଜେନା, କାର୍ତ୍ତିକ ଖଟୁଆ, ଅନିଲ ସାହୁ, ମାନସ ସାହୁ, ସୁଜିତ୍ କୁମାର ସାହୁ, ସନାତନ ରାଉତ, ନରେଶ ନାୟକ, ଲକ୍ଷ୍ମଣ ଭଟ୍ଟ ପ୍ରଭୃତି ପରିଚାଳନା କରିଥିବା ବେଳେ ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

# ପ୍ରସ୍ତୁତି ପଥେ ହରପାର୍ବତୀ ପୂଜା

କଟକ (ପିଏନ୍): ହରପାର୍ବତୀ ପୂଜା କମିଟି ତଥା ମାନସିଂପାଟଣା ଯୁବକ ସଂଘ ପକ୍ଷରୁ ଆସନ୍ତା ବିଜୟା ଦଶମୀ ଅବସରରେ ହରପାର୍ବତୀଙ୍କ ଯୁଗଳ ମୂର୍ତ୍ତି ପୂଜା ପାଇବାକୁ ଯାଉଅଛି । ଏଥିପାଇଁ ହରପାର୍ବତୀ ପୂଜା କମିଟି ପକ୍ଷରୁ ହରପାର୍ବତୀଙ୍କ ଶୋଭନୀୟ ମୂର୍ତ୍ତି ପୂଜାର ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ସଭାପତି- ଅକ୍ଷୟ କୁମାର ସାହୁ, ସମ୍ପାଦକ- ନିତ୍ୟ କିଶୋର ସାହୁ, ସାହିର ମୁରବୀ-ଆଶୀର୍ବାଦ ବେହେରା, ନିମାଇଁ ଚରଣ ସାହୁ, ତଥା ମାନସିଂହପାଟଣା ଯୁବକ ସଂଘ ପକ୍ଷରୁ କୃଷ୍ଣମୋହନ, ବଳରାମ ବେହେରା, ମନୋଜ କୁମାର ସାହୁ, ଶମ୍ଭୁନାଥ ବେହେରା, କାର୍ତ୍ତିକ ସାହୁ, ଦେବେନ୍ଦ୍ର ବେହେରା, ସତ୍ୟଜିତ୍ ସାହୁ, ଓପୁ ସାହୁ, ଦେବେନ୍ଦ୍ର ଆଦି କର୍ମକର୍ତ୍ତାମାନେ ପୂଜାର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଏଠାରେ ସୂଚନାଯୋଗ୍ୟ କି ହରପାର୍ବତୀ ଏଠାରେ ଦୀର୍ଘ ୭୦ ବର୍ଷ ହେଲା ପୂଜା ପାଇଆସୁଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




Bhubaneswar Monday September 26, 2022 ଭୁବନେଶ୍ୱର ସୋମବାର, ସେପ୍ଟେମ୍ବର ୨୬,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପାରାଦୀପରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ




ପାରାଦୀପ,(ପି.ଏନ): ଦେଶର ୭୬ ତମ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଅହିଂସା ରଥ ସାରା ରାଜ୍ୟ ପରିକ୍ରମା କରୁଛି । ଏହି ଅବସରରେ ଏହି ରଥ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଂଚଳ ପରିକ୍ରମା କରି ରବିବାର ଦିନ ଅହିଂସାର ବାର୍ତା ବହନ କରି ପାରାଦୀପରେ ପହଂଚିଥିଲା । ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧୀରଙ୍କ ତତ୍ୱାବଧାନରେ ପୌର ପାଳିକାର ପାରିଷଦ,ଅଧିକାରୀ,କର୍ମଚାରୀ ଓ ଜନସାଧାରଣ ପାରାଦୀପ ଉପକଣ୍ଠ ଦୋଛକିରେ ଉପସ୍ଥିତ ରହି ଅହିଂସା ରଥକୁ ଭବ୍ୟ ସ୍ୱାଗତ କରିଥିଲେ । ଏହି ଅବସରରେ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଶେଷରେ ଗାନ୍ଧି ଛକ ଠାରେ ପହଂଚିଥିଲା। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ରଥକୁ ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯିବା ସଙ୍ଗେ ସଙ୍ଗେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତେବେ ଏହି ସଚେତନତା ରଥ ଅକ୍ଟୋବର ୨ ତାରିଖରେ ତାର ଯାତ୍ରା ଶେଷ କରିବ ।

# ସେପ୍ଟେମ୍ବର ୨୮ରେ ପାରାଦୀପ ବନ୍ଦର ପକ୍ଷରୁ ମେଗା ରକ୍ତଦାନ ଶିବିର

ପାରାଦୀପ,(ପି.ଏନ): ରକ୍ତଦାନ ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସେପ୍ଟେମ୍ବର ୨୮ ତାରିଖ ବୁଧବାର ଦିନ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବନ୍ଦର ଚିକିତ୍ସାଳୟଠାରେ ଆୟୋଜିତ ହେବ । ପାରାଦୀପ ବୃଷଭ ଫାଉଣ୍ଡେସନ ଟ୍ରଷ୍ଟ ସହାୟତାରେ ଆୟୋଜିତ ଏହି ଶିବିରକୁ ସଫଳ କରିବା ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ବିଭିନ୍ନ ଶିଳ୍ପାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ ସମେତ ସ୍ଥାନୀୟ ଜନସାଧାରଣ ଏହି ରକ୍ତଦାନ ଶିବିରରେ ସହଯୋଗ କରିବା ପାଇଁ ୭୦୦୮୫୦୬୬୦୬,୮୦୯୩୨୦୪୩୨୧ କିମ୍ବା ୯୯୩୭୫୮୮୫୬୮ ମୋବାଇଲ୍ ନମ୍ବର ବା ହ୍ୱାଟସ୍ ଅପ୍‌ରେ ଯୋଗାଯୋଗ କରିବାକୁ ପାରାଦୀପ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ପଣ୍ଡା ସୂଚନା ଦେଇଛନ୍ତି ।

# ଓଡ଼ିଶା ବଧିର ସଂଘର ବାର୍ଷିକ ଉତ୍ସବ ପାଳନ



ଭୁବନେଶ୍ୱର,(ପି.ଏନ): ଓଡ଼ିଶା ବଧିର ସଂଘ ତରଫରୁ ନର୍ସରୀ ବଧିର ବିଦ୍ୟାଳୟରେ ୬୫ତମ ବିଶ୍ୱ ବଧିର ଦିବସ ଓ ୪୪ତମ ଓଡ଼ିଶା ବଧିର ସଂଘର ବାର୍ଷିକ ଉତ୍ସବ ତା ୨୫.୯.୨୨ରିଖ ପୂର୍ବାହ୍ନ ୧୧ ଘଟିକାରେ ପାଳନ କରାଯାଇଅଛି । ଏଥିରେ ମୁଖ୍ୟଅତିଥି ବିଜୟ କୁମାର ମହାନ୍ତି ଚିଫ୍ ପ୍ରୋଗ୍ରାମ ମ୍ୟାନେଜର ରିଲ୍ ଲିଃ ଯୋଗ ଦେଇଥିଲେ । ଓଏଡ଼ିର ପ୍ରତିଷ୍ଠାତା ବିଜୟ କୁମା ପରିଡ଼ା, ସଭାପତି ଶିବ ନାରାୟଣ ବହିରଦାର, ଓଏଡ଼ିର ଜିତୁ ନନ୍ଦ, ନିରଞ୍ଜନ ଯୋଶୀ, ରାଜେଶ ନାୟକ, ଯୋଗେଶ କୁମାର ବହିରଦାର, ରାଜା ମିଶ୍ର, ଅସିତ୍ ମିଶ୍ର, କୃଷ୍ଣ ଚନ୍ଦ୍ର ରଣବିଜୁଳି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷତ୍ରୀ, ଛାତ୍ରଛାତ୍ରୀ ଓ ମାଆ ଶକ୍ତି ହସ୍ପିଟାଲର କର୍ମଚାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟଅତିଥି କହିଲେ ଯେ ଆମେ ସମସ୍ତେ ସାଙ୍କେତିକ ଭାଷା ଶିକ୍ଷିବା ଦରକାର ସାଙ୍କେତିକ ଭାଷା ଶିକ୍ଷିଲେ ବଧିରମାନଙ୍କ ସହିତ ଯୋଗାଯେକ ବା ଭାଷା ବୁଝି ପାରିବା । ବିଦ୍ୟାଳୟର ଗୃହପତି ଆର୍ଥିକ ସହାୟତା ଯୋଗାଇ ଦେବା କହିଛନ୍ତି । ସମସ୍ତ ଅତିଥିମାନେ ପାଠ ପଢ଼ିବା ସହିତ ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଖେଳ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଅତିଥିମାନେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ମାଆ ଶକ୍ତି ହସ୍ପିଟାଲ ତରଫରୁ ପ୍ରସାଦ ସେବନ କରାଯାଇଥିଲା ।

# କିଟ୍ ମ୍ୟାନେଜମେଂଟ ସ୍କୁଲ୍ ପକ୍ଷରୁ ୧୩ ତମ ଜାତୀୟ ମାନବ ସମ୍ବଳ କନକ୍ଲେଭ୍




ଭୁବନେଶ୍ୱର,(ପି.ଏନ): କିଟ୍ ସ୍କୁଲ ଅଫ ମ୍ୟାନେଜମେଂଟ ପକ୍ଷରୁ ୧୩ତମ ଜାତୀୟ ମାନବ ସମ୍ବଳ କନକ୍ଲେଭ୍ ଶନିବାର ଅନୁଷ୍ଠିତ ହୋଇଯାଇଛି । 'ପୁନଃ କୌଶଳ କ୍ରାନ୍ତି: ପରିବର୍ତ୍ତନର ବାହକ' ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ଏହି କନକ୍ଲେଭରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡେଲୋଏଟ୍ ଇଣ୍ଡିଆ କନସନଲେଂଟି ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ରାକେଶ ବାରିକ କହିଲେ ପରିବର୍ତନଶୀଳ ବିଶ୍ୱ ସହ ତାଳଦେଇ ପ୍ରତିଦିନ ବିଭିନ୍ନ କ୍ଷେତ୍ରରେ ନୂଆ ନୂଆ କୌଶଳର ଆବଶ୍ୟକତା ଦେଖା ଦେଇଛି । ଶିଳ୍ପ ବାଣିଜ୍ୟ ଓ ସେବା ଆଦି ବିଭିନ୍ନ କ୍ଷେତ୍ରରେ ମାନବ ସମ୍ବଳର ବିନିଯୋଗ ନିମନ୍ତେ ନୂତନ ପ୍ରଯୁକ୍ତି ବିଦ୍ୟାକୁ ଦୃଷ୍ଟିରେ ରଖି କୌଶଳରେ ମଧ ପରିବର୍ତନ କରାଯାଉଛି । ତେଣୁ ଆମକୁ ଆମର ଦକ୍ଷତାରେ ପରିବର୍ତନ ଆଣିବାକୁ ପଡିବ ଏବଂ ନୂଆ ନୂଆ କୌଶଳ ଆପଣାଇବାକୁ ପଡିବ ବୋଲି ଶ୍ରୀ ବାରିକ କହିଥିଲେ । ଏଥିପାଇଁ କୁଶଳୀ ହେବାକୁ ପଡିବ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସବୁବେଳେ ପରିବର୍ତନକୁ ଆପଣାଇବା ସହ କୌଶଳ ଆଧାରିତ ସଙ୍ଗଠନକୁ ପ୍ରୋତ୍ସାହିତ କରିବା ଏବଂ ନିଜକୁ ବିକଶିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ କିଟ୍ ବିଶ୍ୱବିଦ୍ୟାଳୟ ସର୍ବଦା ପରିବର୍ତନକୁ ତାଳଦେଇ ବିଭିନ୍ନ କ୍ଷେତ୍ରରେ ନୂତନ କୌଶଳ ଆପଣାଇଥାଏ । ଛାତ୍ରଛାତ୍ରୀମାନେ ଯେପରି ପରିବର୍ତନକୁ ଖାପଖୁଆଇ ନିଜେ ସହନଶୀଳତାର ଉପଯୋଗରେ ନୂତନ କୌଶଳ ଆପଣାଇ ପାରିବେ ସେହି ଅନୁସାରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । କିଟ୍ ସ୍କୁଲ ଅଫ ମ୍ୟାନେଜମେଂଟର ନିର୍ଦ୍ଦେଶକ ପ୍ରଫେସର ଏସ୍ କେ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ସୁମିତା ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପ୍ରି କନକ୍ଲେଭ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଦିନବ୍ୟାପୀ ଅନଷ୍ଠିତ ଏହି କନକ୍ଲେଭରେ ବିଷୟ ଆଧାରିତ ବିଭିନ୍ନ ଦିଗ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତର ବିଭିନ୍ନ ପ୍ରତିଷ୍ଠିତ କେନ୍ଦ୍ରର ମୁଖ୍ୟମାନେ ଅଂଶ ଗ୍ରହଣ କରିଥିଲେ ।

# ମଦନପୁର ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା ଅଭିଯାନ

ଘଷିପୁରା,(ପି.ଏନ): ଘଷିପୁରା ବ୍ଲକ ମଦନପୁର ପଂଚାୟତର ସରପଂଚ ହିଂମାଶୁ ଶେଖର ଜେନାଙ୍କ ତତ୍ୱାବଧାନରେ ପଂଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ସ୍ୱଛତା ହିଁ ସେବା ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସରପଂଚ ଶ୍ରୀ ଜେନା,ପଂଚାୟତ ସମିତିସଭ୍ୟା ମାମିନା ସାହୁ, ପିଇଓ ରଶ୍ମି ରଂଜନ ମହାରଣା, ଜିଆରଏସ୍ ଆଶିର୍ବାଦ ଚକ୍ର, ଜେ.ଇ. ସରସ୍ୱତୀ ମାଝୀଙ୍କ ସମେତ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ । ଗ୍ରାମର ରାସ୍ତାଘାଟ, ସ୍କୁଲ, ନଳକୂପ, ପୋଖରୀ ତୁଠ ଆଦି ସଫା କରାଯାଇଥିଲା । ସୁସ୍ଥ ଶରୀର ପାଇଁ ପରିବେଶ ସୁସ୍ଥ ରଖିବାକୁ ସରପଂଚ ପଂଚାୟତବାସୀଙ୍କ ନିବେଦନ କରିଥିଲେ । ଶୋଭାଯାତ୍ରାରେ ଅଧ୍ୟାପକ ରଘୁଦିପ୍ତୀ ନାୟକ, ପ୍ରଫୁଲ କୁମାର ପଣ୍ଡା, ବିଶ୍ୱଜିତ ଆପଟ, ଦିବ୍ୟରନ ସାହୁ, ପାର୍ଥସାରଥି ଶଙ୍ଖୁଆ,ମଧୁସ୍ମିତା ସାହୁ, ଓଜେଲ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଅଧକ୍ଷ ଡ. ଦାଶ ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସଭା ଶେଷରେ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସାଂସ୍କିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଏ.ଆଇ.ଟି.ୟୁ.ସି ର ଦୁଇ ଦିନିଆ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ, ନୂତନ କର୍ମକର୍ତ୍ତା ନିର୍ବାଚିତ




କେନ୍ଦୁଝର,(ପି.ଏନ): ଅଖିଳ ଭାରତୀୟ ଟ୍ରେଡ ୟୁନିୟନ କଂଗ୍ରେସ(ଏଆଇଟିୟୁସି) ର ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ସମ୍ମିଳନୀ କେନ୍ଦୁଝର ସହର ବୁଲାଦୁଆର ସାହି ସ୍ଥିତ ଗୁଜୁରାଟି ସମାଜ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସର୍ବବୃହତ ଓ ସର୍ବ ପୁରାତନ ଏହି ଶ୍ରମିକ ସଙ୍ଗଠନ ର ସମ୍ମିଳନୀ ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଶ୍ରମିକ ନେତା ଏବଂ ଶ୍ରମିକ ଯୋଗ ଦେଇଥିଲେ । କମ୍ରେଡ ଭଗବାନ ପଣ୍ଡା ଙ୍କ ନାମରେ ନାମିତ ସମ୍ମିଳନୀ ଗୃହରେ ପ୍ରତିନିଧି ଅଧିବେଶନ ଅନୁଷ୍ଠିତ ହୋଇଥିଲା । କମ୍ରେଡ ମହେଶ୍ୱର ରାଉତ ରିପୋର୍ଟ ପଠନ ପରେ ସାଥିମାନେ ଏହା ଉପରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଜିଲ୍ଲାର ବିଭିନ୍ନ ଖଣି ଓ କଳକାରଖାନାରେ ସ୍ଥାନୀୟ ଗ୍ରାମର ବେକାର ଯୁବକ/ଯୁବତୀ ମାନଙ୍କୁ ନିଯୁକ୍ତି ନ ଦେଇ ବାହାର ରାଜ୍ୟ ଏବଂ ଜିଲ୍ଲାର ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ବିରୋଧ କରାଯାଇଥିଲା । ମେସିନ ଯୋଗେ ଖଣିଜ ଉତ୍ତୋଳନ କାର୍ଯ୍ୟ ଚାଲୁ ରହିଥିବାବେଳେ ସରକାର ଏଥିପାଇଁ କୌଣସି ପଦକ୍ଷେପ ନେଉନଥିବାରୁ ଖଣି ଶ୍ରମିକ ମାନେ ଦୁର୍ଦ୍ଦଶାରେ ରହିଛନ୍ତି । ସରକାର ଏଥିପ୍ରତି ପଦକ୍ଷେପ ନ ନେଲେ ଶ୍ରମିକ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ସ୍ଲରି ପାଇପ ଲାଇନରେ ଲୁହାପଥର ଗୁଣ୍ଡ ପରିବହନ କୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଥିବାରୁ ଜିଲ୍ଲାରେ ଟ୍ରକ ଉପରେ ନିର୍ଭରଶୀଳ ଲକ୍ଷ ଲକ୍ଷ ପରିବାର ଜୀବନଜୀବିକା ହରାଇଛନ୍ତି । ବହୁ ଟ୍ରକ ମାଲିକ ଋଣ ଆଣି ଟ୍ରକ ବ୍ୟବସାୟ କରୁଥିବାବେଳେ ଏବେ ଟ୍ରକ ଚାଲୁନଥିବାରୁ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି । ପାଇପ ଯୋଗେ ଲୁହାପଥର ପରିବହନ ବନ୍ଦ କରି ଟ୍ରକ ଯୋଗେ ପରିବହନ ଅଗ୍ରାଧିକାର ଦିଆଯିବାକୁ ପ୍ରସ୍ତାବ ପାରିତ ହୋଇଥିଲା । ସେହିଭଳି ପ୍ରସ୍ତାବିତ ଶ୍ରମ କୋର୍ଡ ବନ୍ଦ କରିବା,ସର୍ବନିମ୍ନ ମଜୁରୀ ବୃଦ୍ଧି କରିବା,ଆକାଶଛୁଆଁ ଦରଦାମ ବୃଦ୍ଧି ଉପରେ ଲଗାମ ଲଗାଇବା,ଡିଜେଲ-ପେଟ୍ରୋଲ ଦର କୁ ହ୍ରାସ କରିବା ଓ ଜିଏସ୍‌ଟି ଅନ୍ତର୍ଭୁକ୍ତ କରିବା,ଶିକ୍ଷିତ ବେକାର ଯୁବକ/ଯୁବତୀମାନଙ୍କ ପାଇଁ କର୍ମ ନିଯୁକ୍ତି ସୃଷ୍ଟି କରିବା,ଦେଶର ସ୍ୱତନ୍ତ୍ର ସଂସ୍ଥା ତଥା ନ୍ୟାୟ ପାଳିକା ଉପରେ ସରକାରୀ ନିୟନ୍ତ୍ରଣ ବନ୍ଦ କରିବା,ଦେଶରେ ଜାତିଧର୍ମ ନିର୍ବିଶେଷରେ ଭାଇଚାରା ବଜାୟ ରଖିବା ଆଦି ଦାବି ସମୂହ ଉପସ୍ଥାପନା କରାଯାଇଥିଲା । ଆଗାମୀ ଦିନରେ ଉପରୋକ୍ତ ଦାବିକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି ସହ ଆନ୍ଦୋଳନ ଗଢି ତୋଳିବା ପାଇଁ ପ୍ରସ୍ତାବ ମାନ ଗ୍ରହଣ କରାଯାଇଥିଲା । ଆଗାମି ୩ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଆଇଟିୟୁସି ର କେନ୍ଦୁଝର ଜିଲ୍ଲା ସଭାପତି ଭାବେ ବିଦ୍ୟାଧର ମହାନ୍ତ,ସାଧାରଣ ସମ୍ପାଦକ ଭାବେ ମହେଶ୍ୱର ରାଉତ,ଉପସଭାପତି ଭାବେ କାହ୍ନୁଚରଣ ସାମଲ,ହୃଦାନନ୍ଦ ପାତ୍ର,ବିରଂଚି ଦେହୁରୀ,ଶ୍ରୀହରି ଘଣା ଓ ଦଶମା ମୁଣ୍ଡା,ସମ୍ପାଦକ ଭାବେ କପିଳ ମହାନ୍ତି,ଅର୍ଜୁନ ମହାନ୍ତ,ସହ ସମ୍ପାଦକ ଭାବେ ବଦ୍ଧୁ ଜାମା,ବାଗ୍ରା ଚାତାର,ରେଗା ମାଝୀ,ଭୀମ ଲୋହାର,କୋଷାଧକ୍ଷ ଭାବେ ରାଜାରାମ ମୁଣ୍ଡା ନିର୍ବାଚିତ ହୋଇଥିଲେ । ଏହା ବ୍ୟତିତ ୨୯ ଜଣିଆ କାର୍ଯ୍ୟକାରୀ କମିଟି ଓ ୨୫ଜଣିଆ ଜିଲ୍ଲା ପରିଷଦ ଗଠନ କରାଯାଇଥିଲା । ଆସନ୍ତା ନଭେମ୍ବର ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଉଲକେଲା ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସମ୍ମିଳନୀ ପାଇଁ ୭୫ ଜଣ ପ୍ରତିନିଧି ନିର୍ବାଚିତ ହୋଇଥିବାବେଳେ କେରଳ ର ଆଲେପି ଠାରେ ଡିସେମ୍ବର ୧୭ ରୁ ୨୦ ପର୍ଯ୍ୟନ୍ତ ହେବାକୁ ଥିବା ସର୍ବଭାରତୀୟ ସମ୍ମିଳନୀରେ ଜିଲ୍ଲାରୁ ୬ଜଣ ପ୍ରତିନିଧି ନିର୍ବାଚିତ ହୋଇଥିଲେ । ଜିଲ୍ଲାର ମୋଟ ୨୫ ଟି ଖଣି ଓ ୮ ଟି କଳକାରଖାନାର ଶ୍ରମିକ ପ୍ରତିନିଧିମାନେ ଏହି ସମ୍ମିଳନୀରେ ଯୋଗ ଦେଇ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray